୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.74 Bhubaneswar Monday April 28 2025 | ୨୭ତମ ବର୍ଷ ସଂଖ୍ୟା–୭୪ ଭୁବନେଶ୍ୱର, ସୋମବାର, ଅପ୍ରେଲ ୨୮, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) | Member-INS

## ମିଳୁନି ବିଶୁଦ୍ଧ ଜଳ: ନଳକୂପର ଫ୍ଲୋରାଇଡ୍ ଯୁକ୍ତ ପାଣି ପିଇ ଜଣ୍ଡିସରେ ଆକ୍ରାନ୍ତ ହେଲେଣି ୧୨୦ ଜଣ ଶିଶୁ




ନୂଆପଡ଼ା,୨୭।୪(ପି.ଏନ): ନଳକୂପର ଫ୍ଲୋରାଇଡ୍ ଯୁକ୍ତ ପାଣି ବ୍ୟବହାର କରି ଜଣ୍ଡିସ ଆକ୍ରାନ୍ତ । ୧୫ ଦିନ ହେଲାଣି ଟ୍ୟାପରେ ଜଳ ଯୋଗାଣ ମଧ୍ୟ ବନ୍ଦ । ଦୂର ଗାଁରୁ ମୁଣ୍ଡରେ ବୋହି ଆଣିବାକୁ ପଡୁଛି ପାଣି । ଜଣ୍ଡିସ ରୋଗ ସାଙ୍ଗକୁ ଉତ୍କଟ ହେଉଛି ଜଳ କଷ୍ଟ । ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନରସିଂହପୁର ଗାଁରେ ବିଶୁଦ୍ଧ ପାନୀୟ ଜଳ ସଂକଟ ଦେଖାଦେଇଛି । ଗାଁରେ ଥିବା ନଳକୂପର ଦୂଷିତ ପାଣି ବ୍ୟବହାର କରି ଜଣ୍ଡିସ ରୋଗରେ ଆକ୍ରାନ୍ତ ହେଉଛନ୍ତି ଲୋକେ । ସ୍ୱାସ୍ଥ୍ୟ ପରୀକ୍ଷାରୁ ଗାଁର ୧୨୦ଜଣ ଶିଶୁ ଜଣ୍ଡିସ ଆକ୍ରାନ୍ତ ଥିବା ଜଣାପଡ଼ିଛି । ୧୫ ଦିନ ତଳେ ଖଡ଼ିଆଳ ଡାକ୍ତରଖାନାର ଏକ ଟିମ୍ ଗାଁକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ହେଲେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ଔଷଧ ପ୍ରଦାନ କରାଯାଇ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବାଧହୋଇ ଲୋକେ ଜଣ୍ଡିସ ରୋଗରେ ଆକ୍ରାନ୍ତ ଶିଶୁମାନଙ୍କୁ ଝଡ଼ାଫୁଙ୍କାର ଆଶ୍ରୟ ନେଉଥିବା କହିଛନ୍ତି ଗ୍ରାମବାସୀ । ନରସିଂହପୁର ଗାଁରେ ୩ ହଜାରରୁ ଅଧିକ ଲୋକ ବସବାସ କରନ୍ତି । ଗାଁରେ ଥିବା ସମସ୍ତ ୬ଟି ନଳକୂପରୁ ଫ୍ଲୋରାଇଡ୍ ଯୁକ୍ତ ପାଣି ବାହାରୁଥିବାରୁ ଲାଲ ଛକି ଚିହ୍ନ ଦିଆଯାଇଛି । ପିଇବା ପାଣି ପାଇଁ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଲୋକେ ପାଣି ପାଇପାରୁ ନାହାନ୍ତି । ବାଧହୋଇ ଲୋକେ ଚାଷଜମିରେ ଥିବା ଏକ ଖୋଲା କୂଅରୁ ଓ ୧ କିଲୋମିଟର ଦୂର ସରଗାଦି ଗାଁରୁ ଗରାମାଠିଆରେ ପିଇବା ପାଣି ବୋହି ଆଣୁଛନ୍ତି । ପାଣି ସମସ୍ୟା ବାବଦରେ ସରପଞ୍ଚ ଓ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏବେ ଲୋକଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧିଲାଣି । ଅନ୍ୟପଟେ ଗାଁକୁ ଏକ ଡାକ୍ତରୀ ଦଳ ଯାଇ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି ଉପଖଣ୍ଡ ଚିକିତ୍ସା ଅଧିକାରୀ। ନରସିଂହପୁର ଗ୍ରାମବାସୀଙ୍କ ପାଇଁ ଜଣ୍ଡିସ ରୋଗ ସହିତ ଉତ୍କଟ ଜଳ ସମସ୍ୟା ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଛି । ତୁରନ୍ତୁ ଜଣ୍ଡିସ ଆକ୍ରାନ୍ତଙ୍କ ଚିକିତ୍ସା ବ୍ୟବସ୍ଥା ସହିତ ଔଷଧ ପ୍ରଦାନ ଓ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଜରୁରୀ ହୋଇପଡ଼ିଛି।

## ସାଇନ୍ସ ପାର୍କ ବସ୍ତିରେ ଛୁରାମାଡ ଘଟଣା, ସାଇଣ୍ଟିଫିକ ଟିମର ଯାଞ୍ଚ



ଭୁବନେଶ୍ୱର,୨୭।୪(ପି.ଏନ): ନିଶା ପାଇଁ ନାରକୀୟ କାଣ୍ଡ। ଗଡୁଛି ମୁଣ୍ଡ, ଚାଲୁଛି ଭୁଜାଲି। ପୋଲିସର ସତ ଚେଷ୍ଟା ପରେ ବି ବସ୍ତିରେ ରକ୍ତର ହୋଲି ଖେଳୁଛନ୍ତି ଅପରାଧୀ। ହୋଲିରେ ଶାନ୍ତିପଲ୍ଲୀ ବସ୍ତିରେ ମର୍ଡର, ସମେଇଗାଡ଼ିଆର ଯୁବକଙ୍କୁ ବୀଭତ୍ସ ହତ୍ୟା ଓ ସହଦେବ ନାୟକ ହତ୍ୟାକାଣ୍ଡ ପରେ ପୁଣି ସାଇନ୍ସ ପାର୍କରେ ତାଣ୍ଡବ ରଚିଛନ୍ତି ଅପରାଧୀ। ପୁତୁରାର ଭୁଜାଲି ମାଡରେ ଗୁରୁତର ହୋଇଛନ୍ତି ଦାଦା ଓ ଖୁଡି। ଶାନ୍ତିଭୂଷଣ ନାୟକଙ୍କୁ ଛୁରାମାଡ଼ ହୋଇଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ପେଟରେ ଭୁଜାଲି ଭୁସି ଗୁରୁତର କରିଛନ୍ତି ପୁତୁରା ଜନ୍ମେଜୟ ନାୟକ। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ପରେ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ଗୁରୁତରଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେପଟେ ସହିଦନଗର ପୋଲିସ ଘଟଣାରେ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ସରଜମିନ ଯାଞ୍ଚ କରିଛି। ପାରିପାର୍ଶ୍ୱିକ ପରିସ୍ଥିତି ସହ କ୍ରାଇମ ସ୍ପଟରେ ଫରେନସିକ ଯାଞ୍ଚ କରିଛି ଟିମ। ଛୁରାମାଡ଼ କରିଥିବା ଜନ୍ମେଜୟ ନାୟକ ମଧ୍ୟ ଗୁରୁତର ଅଛନ୍ତି । ଭୁବନେଶ୍ୱର ର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

## ୪ ବର୍ଷର ଶିଶୁକୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗ, ଅଭିଯୁକ୍ତକୁ ଗିରଫ କଲା ପୋଲିସ



ଦିଗପହଣ୍ଡି ,୨୭।୪(ପି.ଏନ): ଚାରି ବର୍ଷର ଶିଶୁକୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗ। ଏକ ପରିତ୍ୟକ୍ତ ଘରକୁ ଡାକି ନେଇ ଦୁଷ୍କର୍ମ କରିବା ପରେ ହତ୍ୟା କରିଛି ଦୁର୍ବୃତ୍ତ। ଏହି ଜଘନ୍ୟ ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଖଲିଙ୍ଗି ଗାଁରେ। ଅଭିଯୁକ୍ତ କାଳିଆ ନାହାକଙ୍କୁ ଗିରଫ କରିଛି ପୋଲିସ। ଘଟଣା ପରେ ଏସପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ନିଶାଗ୍ରସ୍ତ ଥିବା କାଳିଆ ଏହି କାଣ୍ଡ କରିଥିବା ଏସପି ସ୍ପଷ୍ଟ କରିଛନ୍ତି। ଗତକାଲି ରାତିରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ସାନ ଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ବି ଆଜି ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଦୋଷୀକୁ କଡ଼ା ଦଣ୍ଡ ମିଳିବ ବୋଲି କହିଛନ୍ତି ମନ୍ତ୍ରୀ।

## ପୋଖରୀରେ ବୁଡ଼ି ୩ ନାବାଳକ ମୃତ, ଗାଁରେ ଶୋକାକୁଳ ପରିବେଶ

ଭୁବନେଶ୍ୱର,୨୭।୪(ପି.ଏନ): ନୟାଗଡ଼ ଦଶପଲ୍ଲା ଗୋଡ଼ିବାଡ଼ି ଗାଁରେ ଅଘଟଣ । ପୋଖରୀରେ ବୁଡ଼ି ଚାଲିଗଲା ତିନି ଜଣ ଶିଶୁଙ୍କର ଜୀବନ। ଏହି ଘଟଣା ପରେ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ି ଗଲେ ତିନି ଶିଶୁ ।ଖବର ଅନୁଯାୟୀ, ରବିବାର ଦିନ ସକାଳ ସମୟରେ ଗୋଡ଼ିବାଡ଼ି ଗାଁରେ ତିନି ଜଣ ଶିଶୁ ନିକଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ କିଛି ସମୟ ଗାଧୋଇବା ପରେ ହଠାତ୍ ବୁଡିଯାଇଥିଲେ । ଦୁଇ ମୃତକଙ୍କ ବୟସ ୧୧ ବର୍ଷ ଓ ଜଣଙ୍କର ବୟସ ୯ ସୂଚନା ରହିଛି। ତେବେ ଗ୍ରାମର ଜଣେ ବ୍ୟକ୍ତି ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିବା ବେଳେ ଗାଁ ଲୋକ ତିନି ଜଣ ଶିଶୁଙ୍କୁ ଉଦ୍ଧାର କରିଥିଲେ।

## ପାଟପୁର ଦୁଷ୍କର୍ମ ଓ ହତ୍ୟା ମାମଲା, ଅଶ୍ଳୀଳ ଭିଡିଓ ଦେଖିବା ପରେ କାଣ୍ଡ ଭିଆଇଥିଲା ଦୁର୍ବୃତ୍ତ

ଭୁବନେଶ୍ୱର: ଦିଗପହଣ୍ଡିରୁ ସାମ୍ନାକୁ ଆସିଥିବା ଲଜ୍ଜା ଜନକ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା । ଅଜା ଘରକୁ ବୁଲି ଆସିଥିବା ଏକ ଶିଶୁ କନ୍ୟାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା ।ଏହି ଘଟଣା ଉପରୁ ବର୍ତ୍ତମାନ ପରଦା ଉଠିଛି । ଅଶ୍ଳୀଳ ଭିଡିଓ ଦେଖି ଦୁର୍ବୃତ୍ତ ଦୁଷ୍କର୍ମ କରିଥିବା ଜଣାପଡିଛି । ଅଭିଯୁକ୍ତ କାଳିଆ ଷଣ୍ଢକୁ ଗିରଫ କଲା ଦିଗପହଣ୍ଡି ଥାନା ପୋଲିସ ।ଅଭିଯୁକ୍ତ ଜଣକ ମଦ୍ୟପାନ କରିଥିବା ବେଳେ କୁନି ଶିଶୁ ଜଣଙ୍କୁ ଚକୋଲେଟ ଓ ଚିପ୍ସର ପ୍ରଲୋଭନ ଦେଖାଇଥିଲା । ଏହାପରେ କୁନିକୁ ଉଠାଇ ନେଇ ଏକ ନିର୍ମାଣାଧୀନ କୋଠାକୁ ନେଇଥିଲା । ସେଠାରେ ପ୍ରଥମେ ଅଶ୍ଳୀଳ ଭିଡିଓ ଦେଖିଥିଲା ।ଏହାପରେ ଦୁଷ୍କର୍ମ କରି ହତ୍ୟା କରିଥିଲା । ଶୁକ୍ରବାର ଅଜା ଘରକୁ ଆସି ଗାଁ ଦାଣ୍ଡରେ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲା ୪ବର୍ଷର ଶିଶୁକନ୍ୟା । ଆଜି କୋର୍ଟ ଚାଲାଣ କରାଯିବା ନେଇ ପୋଲିସ ପକ୍ଷରୁ ସୂଚନା ରହିଛି ।

## ପହଲଗାଁଓ ଆକ୍ରମଣର ମୃତକ ବାଲେଶ୍ୱର ପ୍ରଶାନ୍ତ ଶତପଥୀଙ୍କ ନାଁରେ ମଗାଯାଉଛି ଟଙ୍କା !



ବଲେଶ୍ୱର,୨୭।୪(ପି.ଏନ): ପହଲଗାଁଓ ଆକ୍ରମଣର ମୃତକ ବାଲେଶ୍ୱର ପ୍ରଶାନ୍ତ ଶତପଥୀଙ୍କ ନାଁରେ ମଗାଯାଉଛି ଟଙ୍କା। ସୋସିଆଲ ମିଡିଆରେ ତାଙ୍କ ନାଁରେ ଟଙ୍କା ମଗାଯାଉଛି। ଏହାକୁ ନାପସନ୍ଦ କରିଛନ୍ତି ପ୍ରଶାନ୍ତଙ୍କ ପରିବାର। କହିଛନ୍ତି, ଏଥିରେ ପରିବାରର କୌଣସି ଭୂମିକା ନାହିଁ। ଆମକୁ ନ ପଚାରି କିଏ ଏମିତି କରିଛି। ଟଙ୍କା ନ ଦେବାକୁ ମଧ ସେମାନେ ଅନୁରୋଧ କରିଛନ୍ତି। ଏହାକୁ ନେଇ ସାଇବର ଥାନାରେ ଏତଲା ଦେଇଛନ୍ତି ପରିବାର । ପୋଲିସ ତଦନ୍ତ କରୁଛି। ପ୍ରଶାନ୍ତଙ୍କ ପତ୍ନୀ କହିଛନ୍ତି, ସ୍ୱାମୀଙ୍କ ପାଇଁ ଟଙ୍କା ଦରକାର ନୁହେଁ, ଗୋଟିଏ ମିନିଟ୍ ନୀରବ ପ୍ରାର୍ଥନା କରନ୍ତୁ। ମୋ ସ୍ୱାମୀ ଏବେ ଜାତୀୟ ହିରୋ । ମୋ ପରି ଆଉ କେହି ଅସୁବିଧାରେ ନ ପଡନ୍ତୁ, ସେନେଇ ସରକାର ଠୋସ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି ପ୍ରଶାନ୍ତଙ୍କ ପତ୍ନୀ। ପହଲଗାଁଓ ଆତଙ୍କବାଦୀ ଆକ୍ରମଣରେ ବାଲେଶ୍ୱରର ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଥିଲା। କେତେକ ଲୋକ ଏବେ ପ୍ରଶାନ୍ତଙ୍କ ନାଁରେ ସୋସିଆଲ ମିଡିଆରେ ଟଙ୍କା ମାଗୁଥିବାରୁ ଏପରି କହିଛନ୍ତି ତାଙ୍କ ପତ୍ନୀ। ପରିବାରର ବିନା ଅନୁମତିରେ ଏପରି କରାଯାଉଛି। ଏହାକୁ ନେଇ ଥାନାରେ ଏତଲା ଦେଇଛନ୍ତି ପ୍ରଶାନ୍ତଙ୍କ ପରିବାର। ସାଇବର ଥାନାରେ ମାମଲା ରୁଜୁ କରାଯାଇ ପୋଲିସ କରୁଛି ତଦନ୍ତ। ବଡ଼ କଥା ହେଲା ପ୍ରଶାନ୍ତଙ୍କ ସ୍ତ୍ରୀ କହିଛନ୍ତି, ଯିଏ ଯାଇଛି ସେ ଆସିବନି। ଟଙ୍କା କିଛି ଦରକାର ନାହିଁ । ଠାକୁରଙ୍କ ନିକଟରେ ଟିକେ ନିବେଦନ କରନ୍ତୁ ଗୋଟିଏ ମିନିଟ ଦିଅନ୍ତୁ ସେତିକି ମୋ ସ୍ୱାମୀଙ୍କ ପାଇଁ ଆବଶ୍ୟକ । ଯାହାର ଆର୍ଥିକ ଆବଶ୍ୟକ ଅଛି ତାହାକୁ ସାହାଯ୍ୟ କରନ୍ତୁ। ଆଗରୁ ଭାବୁ ନଥିଲି। ଏବେ ଭାବୁଛି ସାରା ଦେଶରେ ଏବେ ମୋ ସ୍ୱାମୀଙ୍କୁ ହିରୋ ବୋଲି ଭାବୁଛନ୍ତି। ସେ କହିଛନ୍ତି, ଗତକାଲି ଘଓଇ ଯାହା ପଚାରିଛନ୍ତି ସବୁ କହିଛି । ମୁଁ ଭାବିନଥିଲି ମୋ ଜୀବନରେ ଏପରି ଅବସ୍ଥା ଆସିବ ବୋଲି। ଆଉ କାହା ସହ ଏମିତି ନ ହେବ, ସେମିତି ସରକାର ଠୋସ ପଦକ୍ଷେପ ନିଅନ୍ତୁ ସରକାର। ପ୍ରଶାନ୍ତଙ୍କ ଭାଇ ମଧ ଟଙ୍କା ଆଦାୟକୁ ନାପସନ୍ଦ କରିବା ସହିତ ସେ ଏପରି କରିବାକୁ କାହାକୁ ଅନୁମତି ଦେଇନଥିବା କହିଛନ୍ତି। ପରିବାର ପକ୍ଷରୁ ନିବେଦନ କରିଛନ୍ତି କୌଣସି ସୋସିଆଲ ମିଡିଆରେ ଯଦି ଏପରି ଟଙ୍କା ଆଦାୟ କରାଯାଉଛି, ତେବେ ଏଥିରୁ ସମସ୍ତେ ନିବୃତ୍ତ ରୁହନ୍ତୁ। କେହି ଟଙ୍କା ଦିଅନ୍ତୁ ନାହିଁ।

## ପାଣିରେ ବୁଡ଼ି ୮ ଜଣଙ୍କ ମୃତ୍ୟୁ



ଭୁବନେଶ୍ୱର: ରବିବାରରେ ଘଟିଛି ବଡ଼ ଅଘଟଣ । ୮ ଜଣଙ୍କ ସଲିଳ ସମାଧି । କେନ୍ଦୁଝର ହରିଚନ୍ଦନପୁର ପାଟହରା ଜଳପ୍ରପାତରେ ବୁଡ଼ିଗଲେ ୨ ପର୍ଯ୍ୟଟକ । ନୟାଗଡ଼ ଦଶପଲ୍ଲାରେ ପୋଖରୀରେ ବୁଡି ୩ ନାବାଳକଙ୍କ ମୃତ୍ୟୁ । କଟକ କାଠଯୋଡ଼ିରେ ବୁଡି ଜଣେ ନାବାଳକ ମୃତ । ରାଉରକେଲା କୋଏଲ ନଦୀ ନେଲା ଛାତ୍ରର ଜୀବନ । କୋରାପୁଟ ପାତାଳି ନଦୀରେ ଭାସିଗଲେ ଯୁବକ ।ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଗୋଡ଼ିବିଡ଼ା ଗାଁରେ ଦୁଃଖଦ ଘଟଣା। ପୋଖରୀରେ ବୁଡ଼ି ୩ ନାବାଳକଙ୍କ ମୃତ୍ୟୁ। ପୋଖରୀରେ ଗାଧୋଇବା ବେଳେ ତିନି ନାବାଳକ ବୁଡ଼ି ଯାଇଥିଲେ। ପରିବାର ଓ ଗାଁ ଲୋକେ ଖୋଜାଖୋଜି କରିବା ପରେ ସେମାନଙ୍କୁ ପୋଖରୀରୁ ଉଦ୍ଧାର କରାଯାଇଥିଲା। ଏହା ପରେ ଦଶପଲ୍ଲା ହସପିଟାଲକୁ ନିଆଯାଇଥିଲା। ସେଠାରେ ତିନି ନାବାଳକଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ସେହିପରି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଗରଗଡବାହାଳ ନିକଟସ୍ଥ ପାଟହରା ଜଳପ୍ରପାତରେ ବୁଡ଼ି ୨ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ପରିଚୟ ମିଳିନଥିବା ବେଳେ ଜଣେ ଯାଜପୁର ଓ ଅନ୍ୟଜଣେ ଜଗତସିଂହପୁର ଜିଲ୍ଲାର ବୋଲି ଜଣାପଡ଼ିଛି ।

## ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ନେଇ ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ



ଭୁବନେଶ୍ୱର,୨୭।୪(ପି.ଏନ): ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ନେଇ ସରକାରଙ୍କ ଉପରେ ବର୍ଷିଲେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ। ସେ ଅଭିଯୋଗ କରିଛନ୍ତି, ସରକାର ନିଦାବିଷ୍ଟ ହୋଇଯାଇଛନ୍ତି। ବିଧାନସଭାରେ ଶିଶୁ ଓ ଛାତ୍ରୀ ନିର୍ଯ୍ୟାତନା ବଢୁଥିବା କହିଲୁ। ହେଲେ ସରକାର ଦୃଷ୍ଟି ଦେଲେନି। ସାନଖେମୁଣ୍ଡିରେ ଶିଶୁ ଧର୍ଷଣ ହୋଇ ହତ୍ୟା ହେଲା। ଯାଜପୁରରେ ଦୁଷ୍କର୍ମ ହେଲା। ରାଜଧାନୀରେ ରାଜନେତାଙ୍କୁ ଧମକ ଦିଆଯାଉଛି। ନା ମାଆ ନା ଛାତ୍ରୀ, କି ଲୋକ ବି ସୁରକ୍ଷିତ ନୁହନ୍ତି। ଆମେ ଏ କଥା ଉଠାଇବାରୁ ବିଧାନସଭାରୁ ନିଲମ୍ବନ ହେଲୁ। ଦୁଃଖର କଥା, ରାଜ୍ୟ ସରକାରଙ୍କ ନିଦ ଭାଙ୍ଗୁନି। ଆଶ୍ଚର୍ଯ୍ୟ ଯେ ସରକାର କି ଭାବେ ଚାଲିଛି, ତାହା ଜଣା ପଡୁଛି। କାହାକୁ ଦଣ୍ଡ ମିଳୁନି। ଆମେ ହାଉସ୍ କମିଟି ଦାବି କରିଥିଲୁ। ହେଲେ ସରକାର ଭୁତାଇବାରେ ଲାଗିଛନ୍ତି। ସେ ସମୟରେ ଶୁଣିଥିଲେ ଆଜି ଏମିତି ହୋଇ ନଥାନ୍ତା। ନାରୀ ନିର୍ଯ୍ୟାତନା ବଢୁଛି। କଡ଼ା ଆଇନ ଆଣନ୍ତୁ ସରକାର। ନ ହେଲେ ନାରୀ ନିର୍ଯାତନା ଚାଲିଥିବ। ଯେଉଁମାନେ ଦୋଷୀ, ସେମାନଙ୍କୁ ଦଣ୍ଡ ଜଲଦି ମିଳିବା ଦରକାର ବୋଲି କହିଛନ୍ତି ରାମ ଚନ୍ଦ୍ର କାଡାମ

## ଷ୍ଟାଫ୍ ସିଲେକ୍ସନ ପରୀକ୍ଷାରେ ତ୍ରୁଟି: ପାଠ୍ୟକ୍ରମ ବାହାରୁ ଆସିଥିଲା ପ୍ରଶ୍ନ, ତ୍ରୁଟି ନେଇ ଓଏସଏସସି ଅଧକ୍ଷଙ୍କ ସୂଚନା

ଭୁବନେଶ୍ୱର,୨୭।୪(ପି.ଏନ): ଷ୍ଟାଫ୍ ସିଲେକସନ ପରୀକ୍ଷାରେ ତ୍ରୁଟି। ଆଜି ଅନୁଷ୍ଠିତ ପରୀକ୍ଷାର ପ୍ରଶ୍ନପତ୍ରରେ ରହିଥିଲା ତ୍ରୁଟି। ଏପରିକି ପାଠ୍ୟକ୍ରମ ବାହାରୁ ପ୍ରଶ୍ନ ଆସିଥିଲା ବୋଲି ସୂଚନା ଦିଆଯାଇଛି। ତ୍ରୁଟି ନେଇ ସୂଚନା ଦେଇଛନ୍ତି ଓଏସଏସସି ଅଧକ୍ଷ ଅଭୟ। ଏହା ସହ ଏହି ତ୍ରୁଟିକୁ ମାନିଛି ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ। ନିଯୁକ୍ତି ସଂକ୍ରାନ୍ତ ବିଭିନ୍ନ ପଦବୀ ପାଇଁ ହୋଇଥିଲା ପରୀକ୍ଷା। ସେପଟେ OSSC ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ ଆଉଥରେ ପରୀକ୍ଷା କରିବାକୁ କୁହାଯାଇଛି। ଏହାର ବିକଳ୍ପ ନେଇ ମେ ୪ ତାରିଖ ପୂର୍ବରୁ ପରୀକ୍ଷାର୍ଥୀମାନେ ସେମାନଙ୍କର ମତାମତ ଦେବାପାଇଁ ସୂଚନ ଦେଇଛନ୍ତି କର୍ତ୍ତୃପକ୍ଷ।

## ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ: ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଅଭାବନୀୟ ଘଟଣା



ଭୁବନେଶ୍ୱର,୨୭।୪(ପି.ଏନ): ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ । ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଚିକିତ୍ସା ଅବହେଳା ପାଇଁ ଜଣେ ଦୁଇ ମାସର ଶିଶୁ ପୁତ୍ରର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଶିମୁଳିଆ ଥାନା ଅମରିଆ ଅଗ୍ନିପୁରର ମନୋଜ ମହାଳିକଙ୍କ ୨ ମାସର ଶିଶୁପୁତ୍ର ଅସୁସ୍ଥ ହୋଇଥିଲେ । ଆଜି ସକାଳୁ ପ୍ରଥମେ ଏକ ଘରୋଇ ଡାକ୍ତରଙ୍କୁ ଦେଖାଇଥିଲେ । ପରେ ଭଦ୍ରକ ଗେଲପୁର ଠାରେ ନିର୍ମିତ ନୂତନ ଏମସିଏଚ୍‌ରେ ଭର୍ତ୍ତି କରିଥିଲେ । ତେବେ ମେଡିକାଲରେ ଭର୍ତ୍ତି ହେବାର ଅଧ ଘଣ୍ଟା ଭିତରେ ଶିଶୁଟିର ମୃତ୍ୟୁ ହୋଇଥିଲା । ମେଡିକାଲରେ ଡାକ୍ତର ଅନୁପସ୍ଥିତ ଥିବା ବେଳେ ଷ୍ଟାଫନର୍ସ ଶିଶୁଟିକୁ ଚିକିତ୍ସା କରିଥିଲେ। ଏପରିକି ଘରୋଇ ଡାକ୍ତରଙ୍କ ପ୍ରେସକ୍ରିପସନ ଅନୁସାରେ ଷ୍ଟାଫ ନର୍ସ ଜଣଙ୍କ ଚିକିତ୍ସା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୃତ୍ୟୁ ପରେ ଆସି ଡାକ୍ତର ପହଂଚିଥିବା କହିଛନ୍ତି ପରିବାର ଲୋକେ । ଶିଶୁ ମୃତ୍ୟୁକୁ ନେଇ ମେଡିକାଲ ପରିସରରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା । ପରେ ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲା । ଅନ୍ୟପଟେ ଘଟଣା ସଂପର୍କରେ ଅବଗତ ଥିବା କହିଛନ୍ତି ଜିଲ୍ଲା ଚିକିତ୍ସା ଅଧିକାରୀ। ଯଦି ଚିକିତ୍ସାରେ କୌଣସି ଅବହେଳା ହୋଇଥାଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ସିଡ଼ିଏମଓ।

## ସାରଦା ବାଇଙ୍କ ଘରେ ଟାଉନ୍ ଥାନା ପୋଲିସ, ଭାରତ ଛାଡିବାକୁ ନିର୍ଦ୍ଦେଶ ପରେ ପହଞ୍ଚିଲା ପୋଲିସ




ବଲାଙ୍ଗିର,୨୭।୪(ପି.ଏନ): ସାରଦା ବାଇଙ୍କ ଘରେ ବର୍ତ୍ତମାନ ଟାଉନ ଥାନା ପୋଲିସ ପହଞ୍ଚିଛି। ଭାରତ ଛାଡିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ପରେ ପୋଲିସ ତାଙ୍କ ଘରେ ପହଞ୍ଚିଛି। ଠିକାଦାରପଡା ସ୍ଥିତ ଘରେ ପୋଲିସ ଟିମ୍ ପହଞ୍ଚିଛି ।ସାରଦା ବାଇଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ଦେଶ ଛାଡିବା ନିର୍ଦ୍ଦେଶ ହୋଇଛି। ଭିସା ରଦ୍ଦ, ତୁରନ୍ତ ପାକିସ୍ତାନ ପଳାଇବାକୁ ନିର୍ଦ୍ଦେଶ ହୋଇଥିଲା ।ପାକିସ୍ତାନ ଯାଇପାରିବିନି: ସାରଦା ବାଇଙ୍କୁ ଭାରତ ଛାଡିବାକୁ ନିର୍ଦ୍ଦେଶ ଦିଆଯିବା ପରେ ବି ସେ କହିଛନ୍ତି ଯେ, ମୁଁ ପାକିସ୍ତାନ ଯାଇପାରିବିନି ।ସେ ଆହୁରି କହିଛନ୍ତି ଯେ, ମୋର କେହି ପାକିସ୍ତାନରେ ନାହାନ୍ତି, କୁଆଡେ ଯିବି। ପାକିସ୍ତାନ ଛାଡିବା ପରଠୁ କେବେ ଆଉ ଯାଇନି। କେବେ ପାକିସ୍ତାନର କାହା ସହ ମଧ କଥା ହୋଇନି। ଏଠି ବିବାହ କରିବା ପରେ ମୁଁ ଝିଅ ଜନ୍ମ ଦେଇ ବାହା ଦେଇ ସାରିଛି। ପରିବାରକୁ ଛାଡି ଆଉ କୁଆଡେ ଯାଇ ପାରିବି ନାହିଁ।

## ମଇ ତୃତୀୟ ସପ୍ତାହରେ ପ୍ରକାଶ ପାଇବ +୨ ପରୀକ୍ଷା ଫଳ !

ଭୁବନେଶ୍ୱର,୨୭।୪(ପି.ଏନ): ସରିଛି +୨ ପରୀକ୍ଷା। ଚାଲିଛି ଖାତାଦେଖା। ଖାଲି ଫଳାଫଳକୁ ଅପେକ୍ଷା। ହେଲେ ଖାତା ଦେଖାରେ ବାଧକ ସାଜିଛି ପ୍ରଚଣ୍ଡ ଖରା ତାତି। ଖାତା ଦେଖିବାକୁ ଆସିପାରୁନାହାନ୍ତି ଶିକ୍ଷକ।ତେଣୁ ପରୀକ୍ଷା ଫଳାଫଳ ବାହାରିବାରେ ବିଳମ୍ବ ହେଉଛି। ହେଲେ ଏବେ ସୂଚନା ମିଳିଛି କି, ମେ ୧୫ ତାରିଖରୁ ୨୦ ତାରିଖ ଭିତରେ ପ୍ରକାଶ ପାଇବ ଯୁକ୍ତ ଦୁଇ ପରୀକ୍ଷା ଫଳ।କାରଣ ଏପ୍ରିଲ ୨୮ରେ ଖାତା ଦେଖା ଶେଷ ହେବାକୁ ଥିବା ବେଳେ, ଏଥିରେ କିନ୍ତୁ ବିଳମ୍ବ ହୋଇ ଏପ୍ରିଲ ୩୦ ତାରିଖରେ ଖାତାଦେଖା ଶେଷ ହେବ। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ କେତେକ ସ୍ଥାନରେ ଖାତା ଦେଖିବାକୁ ସେଣ୍ଟର ଆସିବାକୁ ସମସ୍ୟା ହେଉଥିଲା।ଫଳରେ ସକାଳେ କି ସନ୍ଧ୍ୟାରେ ସେଣ୍ଟର ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୯୦ ପ୍ରତିଶତ ଖାତା ଦେଖା ସରିଛି। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ମାଲକାନଗିରି ଓ ବରଗଡରେ କିଛି ସମସ୍ୟା ଦେଖାଯାଇଥିଲା। ଏହାସହ ଅନଲାଇନ ଅପଡେସନ ପାଇଁ ଦୁଇ ଦିନ ସମୟ ଲାଗିବ ବୋଲି ପରୀକ୍ଷା ନିୟନ୍ତ୍ରକ କହିଛନ୍ତି।





## ଅନନ୍ୟା-ଆଦିତ୍ୟଙ୍କ ବ୍ରେକଅପର କାରଣ

ଗତ କିଛି ଦିନ ହେବ ବଲିଉଡ ଅଭିନେତା ଆଦିତ୍ୟ ରାୟ କପୁର ଏବଂ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ବ୍ରେକଅପ ହୋଇଥିବା ନେଇ ଚର୍ଚ୍ଚା ହୋଇଆସୁଛି। କିଛି ମାସ ହେବ ଏହି ଚର୍ଚ୍ଚା ହେଉଥିଲେ ବି ଦୁହେଁ ଏହା ଉପରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। କିଛି ଦିନ ତଳେ ଅନନ୍ୟା କରିଥିବା ପୋଷ୍ଟକୁ ନେଇ ଏଭଳି ଚର୍ଚ୍ଚା ଆରମ୍ଭ ହୋଇଥିଲା, ଯାହା ବ୍ରେକଅପ ଚର୍ଚ୍ଚାକୁ ବଢ଼ାଇଥିଲା। ଏଭଳି ଚର୍ଚ୍ଚା ମଧ୍ୟରେ ଏବେ ଆଦିତ୍ୟ ଓ ଅନନ୍ୟାଙ୍କ ବ୍ରେକଅପର କାରଣ ସାମ୍ନାକୁ ଆସିଛି। ଅନନ୍ୟାଙ୍କ ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ସେ କହିଥିବା କଥାଟି ବ୍ରେକଅପର କାରଣ ହୋଇପାରେ ବୋଲି ଲୋକେ ଚର୍ଚ୍ଚା କରିବା ଆରମ୍ଭ କରିଛନ୍ତି। ଭିଡିଓରେ ଅନନ୍ୟା କହୁଛନ୍ତି ଯେ, ଦିନେ ମୋ ପ୍ରେମିକ ସହ ଝଗଡ଼ା ହେବା ପରେ ମୁଁ ତାଙ୍କୁ ୭୫ଥର କଲ୍ କରିଥିଲି। ସେ ଆଉ କାହା ପ୍ରେମରେ ପଡ଼ିଯିବେ ବୋଲି ମୋ ମନରେ ଡର ଥିଲା। ତେବେ ଏହି ଭିଡିଓ ଭାଇରାଲ ହେବା ପରେ ଅନନ୍ୟାଙ୍କ ଡର ହିଁ ତାଙ୍କ ବ୍ରେକଅପର କାରଣ ପାଲଟିଲା ବୋଲି ଚର୍ଚ୍ଚା ହେଉଛି। କିଛି ଦିନ ତଳେ ଇନଷ୍ଟା ଷ୍ଟାଟସରେ ଅନନ୍ୟା ଲେଖିଥିଲେ, "ଯାହାକୁ ତୁମ ପାଇଁ ଭଗବାନ ଲେଖିଥିବେ, ସେ ଆପେ ଆପେ ତୁମ ପାଖକୁ ଆସିବ। ତୁମେ ତାକୁ ଯେତେ ବି ନିଜ ଜୀବନରୁ ଦୂରେଇ ରଖିଲେ ବି ସେ ପୁଣି ତୁମ ପାଖକୁ ଆସିବ।" ତାଙ୍କର ଏହି ପୋଷ୍ଟ ପରେ ଆଦିତ୍ୟଙ୍କ ସହ ତାଙ୍କର ବ୍ରେକଅପ ହୋଇଥିବା ଚର୍ଚ୍ଚା ହୋଇଥିଲା।



## ୬୨୦କୋଟିର ମାଲିକାଣୀ ପ୍ରିୟଙ୍କା

ବଲିଉଡ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିରେ ଅଭିନେତ୍ରୀମାନଙ୍କୁ ସବୁବେଳେ ଅଭିନେତାମାନଙ୍କଠାରୁ କମ୍ ପାରିଶ୍ରମିକ ମିଳେ। ଏହି ଧାରା ଆଜି ପର୍ଯ୍ୟନ୍ତ ଜାରି ରହିଛି। ବଡ ବଜେଟ ଫିଲ୍ମରେ କାମ କରିବା ସହ ସୁପରଷ୍ଟାର ହୋଇଥିଲେ ମଧ୍ୟ ବଲିଉଡ ଅଭିନେତ୍ରୀମାନଙ୍କୁ କମ ପାରିଶ୍ରମିକରେ ଖୁସି ହେବାକୁ ପଡ଼ିଥାଏ। ଅନେକ ସମୟରେ ଅଭିନେତାଙ୍କ ଅଧା ପାରିଶ୍ରମିକ ବି ଅଭିନେତ୍ରୀମାନଙ୍କୁ ମିଳେ ନାହିଁ। ହେଲେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ କଥା ଟିକେ ଅଲଗା। ୯ବର୍ଷ ହେଲାଣି କୌଣସି ହିଟ୍ ବଲିଉଡ ଫିଲ୍ମ ନଦେବା ସହ ବିବାହ ପରେ ଭାରତରେ ରହୁନାହାନ୍ତି ପ୍ରିୟଙ୍କା। ତଥାପି ମଧ୍ୟ ତାଙ୍କ ଲୋକପ୍ରିୟତା କମିବା ପରିବର୍ତ୍ତେ ଆହୁରି ଅଧିକ ବଢ଼ିଛି। ୨୦୧୯ରେ ସେ ଶେଷ ଥର ପାଇଁ ବଲିଉଡ ଫିଲ୍ମ 'ଦି ସ୍କାଏ ଇଜ୍ ପିଙ୍କ'ରେ ନଜର ଆସିଥିଲେ। ଏବେ ସେ ହଲିଉଡରେ ଅଧିକ କାମ କରୁଥିବା ବେଳେ ବଲିଉଡଠାରୁ ଦୂରେଇ ରହିଛନ୍ତି। ମିଳିଥିବା ସୂଚନା ମୁତାବକ, ବଲିଉଡରେ ଗୋଟାଏ ଫିଲ୍ମ ପାଇଁ ସେ ୧୪ରୁ ୨୦କୋଟି ଟଙ୍କା ନେଉଥିବା ବେଳେ ହଲିଉଡରେ ୪୦କୋଟି ନେଉଛନ୍ତି। ୱେବ ସିରିଜ୍ 'ସିଟାଡେଲ' ପାଇଁ ସେ ୪୦କୋଟି ଟଙ୍କା ପାରିଶ୍ରମିକ ନେଇଥିବା ଜଣାପଡ଼ିଛି, ଯାହା ବଲିଉଡର ଅନେକ ଆଗଧାଡ଼ିର ଅଭିନେତାଙ୍କ ପାରିଶ୍ରମିକଠାରୁ ଖୁବ ଅଧିକ। ଯଦି ଆମେ ପ୍ରିୟଙ୍କାଙ୍କ ମୋଟ ସମ୍ପତି ଦେଖିବା ତେବେ ସେ ମୋଟ ୬୨୦କୋଟିର ମାଲିକାଣୀ ଅଟନ୍ତି। ବଲିଉଡକୁ ଆସିବା ପରେ ଶାହିଦ୍ କପୁର, ଅକ୍ଷୟ କୁମାର ଓ ଶାହରୁଖ ଖାନଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଥିବା ନେଇ ଚର୍ଚ୍ଚା ହୋଇଥିଲା। ହେଲେ ସେ ଶେଷରେ ନିକ ଜୋନସଙ୍କୁ ବିବାହ କରିଥିଲେ।




## ଅଟା ଚକଟୁଛି ରୋବୋଟ୍

ଦିନକୁ ଦିନ କୃତ୍ରିମ ବୁଦ୍ଧିମତାର ଅଗ୍ରଗତି ହେବାରେ ଲାଗିଛି। ଏପରିକି କୃତ୍ରିମ ବୁଦ୍ଧିମତା ରୋଷେଇ ଘର ପର୍ଯ୍ୟନ୍ତ ପହଂଚିଲାଣି କହିଲେ ଅତ୍ୟୁକ୍ତି ହେବନି। ଏବେ ଏମିତି ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ରୋବୋଟ୍ ଅଟା ଚକଟୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଏଶିୟନ ଟେକ୍ନୋଲୋଜି ନାମକ ଏକ ଆକାଉଂଟରୁ ଅଟା ଚକଟୁଥିବା କୃତ୍ରିମ ବୁଦ୍ଧିମତା ବିଶିଷ୍ଟ ରୋବୋଟର ଭିଡିଓ ପୋଷ୍ଟ କରାଯାଇଛି। ମାତ୍ର କିଛି ସେକେଣ୍ଡର ଏହି ଭାଇରାଲ ଭିଡିଓରେ ଏକ ରୋବଟ୍ ଅଟା ଚକଟୁଛି। ଆଖପାଖରେ କିଛି ଲୋକ ମଧ୍ୟ ଯିବା ଆସିବା କରୁଛନ୍ତି। ଏକ କୁଶଳ ରୋଷେୟା ଭଳି ସେ ଅଟାକୁ ଚକଟୁଥିବା ନଜର ଆସୁଛି। ପୋଷ୍ଟ କରାଯିବା ପରେ ଏହି ଭିଡିଓକୁ ଏପର୍ଯ୍ୟନ୍ତ ୧୪ ଲକ୍ଷରୁ ଅଧିକ ଲୋକ ପସନ୍ଦ କରିସାରିଛନ୍ତି। ପ୍ରାୟ ୯ ଲକ୍ଷ ୬୦ ହଜାର ଲୋକ ଏହାକୁ ସେୟାର ମଧ୍ୟ କରିଛନ୍ତି ଏବଂ ୨୩ ହଜାରରୁ ଅଧିକ ଲୋକ ଏଥିରେ ନିଜ ପ୍ରତିକ୍ରିୟା ରଖିଛନ୍ତି।

## ଚର୍ଚ୍ଚାରେ ପ୍ରଭାସଙ୍କ ୩ ଚକିଆ ସୁପର କାର





ବାହୁବଳି ଷ୍ଟାର ପ୍ରଭାସଙ୍କ ଆଗାମୀ ଚଳଚ୍ଚିତ୍ର 'କଳ୍କି ୨୮୯୮ ଏଡି'କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଦର୍ଶକ ଫିଲ୍ମକୁ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଲୋକ ଏବେ ଏହି ଚଳଚ୍ଚିତ୍ର ପାଇଁ ଯେତିକି ଉତ୍ସାହିତ ତା'ଠାରୁ ଅଧିକ ଉତ୍ସାହିତ ସେଥିରେ ପ୍ରଦର୍ଶିତ ସୁପର କାରକୁ ନେଇ। ଫିଲ୍ମରେ ଏହି କାରର ନାମ 'କଳ୍କି' ରଖାଯାଇଛି। ଫିଲ୍ମ 'କଳ୍କି'ରେ ଦର୍ଶକ ଏଭଳି ଏକ କାର୍ ଦେଖିବାକୁ ପାଇବେ ଯାହା କୌଣସି ସୁପରହିରୋ କାରଠାରୁ କମ୍ ନୁହେଁ। ଚଳଚ୍ଚିତ୍ରରେ ପ୍ରଭାସ 'ବୁଜ୍ଜି' ନାମକ ଏହି କାରକୁ ଚଲାଉଥିବା ଦେଖିବାକୁ ମିଳିବ। ନିକଟରେ 'ବୁଜ୍ଜି' କାରର ଲୁକ୍ ସାମ୍ନାକୁ ଆସିଛି। କାରର ଲୁକ୍ ସାମ୍ନାକୁ ଆସିବା ମାତ୍ରେ ଏହା ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ୍ ହୋଇଛି। ନିକଟରେ ଫିଲ୍ମ 'କଳ୍କି'ର ନିର୍ମାତା ହାଇଦ୍ରାବାଦରେ ଏକ ବଡ ପ୍ରି-ରିଲିଜ୍ ଇଭେଂଟ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫିଲ୍ମର ମୁଖ୍ୟ ଅଭିନେତା ପ୍ରଭାସ ତାଙ୍କ ଦମ୍‌ଦାର ଚରିତ୍ର 'ଭୈରବ' ରୂପରେ ପ୍ରଥମ ଥର ପାଇଁ ଦର୍ଶକଙ୍କ ସାମ୍ନାକୁ ଆସିଥିଲେ। କିନ୍ତୁ ଲୋକଙ୍କ ଅଧିକ ଦୃଷ୍ଟି ଆକର୍ଷଣ କରିଥିଲା ତାଙ୍କ କାର। ଏହି କାର୍ଯ୍ୟକ୍ରମରେ ଫିଲ୍ମରେ ପ୍ରଦର୍ଶିତ ପ୍ରଭାସଙ୍କ କାର୍ 'ବୁଜ୍ଜି'କୁ ମଧ୍ୟ ପ୍ରଥମ ଥର ପାଇଁ ଦର୍ଶକଙ୍କ ସାମ୍ନାକୁ ଅଣାଯାଇଥିଲା। ପ୍ରଭାସଙ୍କ ଏଂଟ୍ରିଠାରୁ ତାଙ୍କ କାର 'ବୁଜ୍ଜି' ଦର୍ଶକଙ୍କ ଅଧିକ ମନେ ମୋହିଥିଲା। 'ବୁଜ୍ଜି'ର ଷ୍ଟାଇଲିସ୍ ଏବଂ ଅତ୍ୟାଧୁନିକ ଡିଜାଇନ୍ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏହା ଏକ କଷ୍ଟୋମାଇଜ୍ କାର୍ ଏବଂ ଏହାକୁ କେବଳ ଏହି ଚଳଚ୍ଚିତ୍ର ପାଇଁ ସ୍ୱତନ୍ତ୍ର ଭାବେ ତିଆରି କରାଯାଇଛି। 'କଳ୍କି ୨୮୯୮ ଏଡି' ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଥିବା 'ବୁଜ୍ଜି' କାର୍ ଭବିଷ୍ୟତ କଳ୍ପନାର ଏକ ଅଂଶ ହୋଇପାରେ, କିନ୍ତୁ ବାସ୍ତବରେ ଏହା ଦେଶର ଅଗ୍ରଣୀ ଅଟୋମୋବାଇଲ୍ କମ୍ପାନୀ ମହିନ୍ଦ୍ରା ଦ୍ୱାରା କୋଏମ୍ବାଟୁରର ଜୟମ ମୋଟର୍ସ ସହଯୋଗରେ ନିର୍ମିତ ହୋଇଛି। ଚଳଚ୍ଚିତ୍ରରେ ପ୍ରଭାସଙ୍କ ଚରିତ୍ର 'ଭୈରବ' ଏହି କାରକୁ ନିର୍ମାଣ କରିଥିବା ଦେଖିବାକୁ ମିଳିବ। କିନ୍ତୁ ବାସ୍ତବରେ ଏହି କାରଟି ମହିନ୍ଦ୍ରା ଏବଂ ଜୟମ ମୋଟର୍ସ, ଏହି ଦୁଇ କମ୍ପାନୀଙ୍କ ଦକ୍ଷତାର ଏକ ଉଦାହରଣ। କମଳା ରଙ୍ଗର ଏହି ଚମତ୍କାର କାରର ଓଜନ ୬ ଟନ୍ ରହିଛି। ୯୪ କିଲୋୱାଟ ଶକ୍ତି ଏବଂ ୯୮୦୦ ଏନଏମ ଟର୍କ ସହିତ ଏହି କାର ଜବରଦସ୍ତ ପରଫର୍ମାନ୍ସ ଦେଇଥାଏ। ୪୭ କିଲୋୱାଟର ଏକ ଶକ୍ତିଶାଳୀ ବ୍ୟାଟେରୀରେ ଚାଲୁଥିବା ଏହି କାରର ଡିଜାଇନ୍ ଏକ ରେସିଂ କାର ପରି ଦେଖାଯାଉଛି।




# କଂସାରିଗୁଡ଼ା ଆଦିତ୍ୟ ବିର୍ଲା ରିଫାଇନେରୀ କମ୍ପାନୀ ମାଟି ଲେବେଲିଂଗ କାମ ଆରମ୍ଭ

ରାୟଗଡ଼ା,(ପି.ଏନ): କାଶୀପୁର ବ୍ଲକ ପଡ଼ାପାଡି ପଞ୍ଚାୟତ କଂସାରିଗୁଡ଼ା ଅଦିତ୍ୟ ବିର୍ଲା ରିଫାଇନେରୀ କମ୍ପାନୀ ମାଟି ଲେବେଲିଂଗ ମୈତ୍ରୀ କମ୍ପାନୀ ଦ୍ୱାରା କାମ ଆରମ୍ଭ ହୋଇଛି । ଅଞ୍ଚଳ ବାସୀଙ୍କ ମନରେ କମ୍ପାନୀ ଆରମ୍ଭ କୁ ନେଇ ଖୁସି ଦେଖିବାକୁ ମିଳିଛି । କାମ ଆରମ୍ଭ କୁ ନେଇ କଂସାରି ଗୁଡ଼ା ଅଞ୍ଚଳ ର ଜମିହରା ,ବିସ୍ଥାପିତ , ପ୍ରଭାବିତ ଓ କ୍ଷତିଗ୍ରସ୍ତ ଲକେ କାମ ସାଇଡ ରେ ଆଦିତ୍ୟ ବିର୍ଲା କମ୍ପାନୀ ସି.ଇ.ଓ ମଜ୍ ହର ବେଗ୍ ଙ୍କୁ ଡ଼ାକି ଧନ୍ୟବାଦ୍ ଜଣାଇ ଥିଲେ। ବେଗ୍ ବହୁତ ଆନନ୍ଦିତ ସହ ଲୋକଙ୍କୁ ଧନ୍ୟବାଦ ଜଣାଇବା ସହ ଆପଣ ମାନଙ୍କ ର ଦୀର୍ଘ ବର୍ଷର ପରିଶ୍ରମ ଓ ଆଗ୍ରହ ଇଛା ବଳରେ ଆଜି କାମ ଆରମ୍ଭ ହୋଇପାରିଛି ବୋଲି



କୋହିଥିଲେ। ଏହି ସମୟରେ କମ୍ପାନୀ ଅଞ୍ଚଳ ର ତିନୋଟି ବ୍ଲକ୍ ର ଲୋକେ ଉପସ୍ଥିତ ଥିବା ବେଳେ ପୁହୂଣ୍ଡି ଡ଼ମ୍ ସାହିର ମା ମାନେ ବହୁ ମାତ୍ରାରେ ଉପସ୍ଥିତ ରହି କାମ ଆରମ୍ଭ ହେଲେ ବେକାରୀ ସମସ୍ୟା ଦୂର ହେବା ସହିତ ଆମ ପୁଅ ଝିଅ ମାନେ ପାଠ ପଢି ବେକାର ଅଛନ୍ତି ରୋଜଗାର ପାଇବେ ଅଞ୍ଚଳ ଉନ୍ନତୀ ହବ ବୋଲି ଖୁସି ହେବା ସହିତ କମ୍ପାନୀ ସି.ଇ.ଓ ଙ୍କୁ ଧନ୍ୟବାଦ୍ ଜଣାଇ ଥିଲେ। ବିକାଶ ପରିଷଦ ସଭାପତି ଡଉଲ ଚୌଧରୀ, ବିଦ୍ୟାଧର ରନ୍ ଚୌଧରୀ, ରାଜେନ୍ଦ୍ର ଦୁରିଆ, ନୀଳକଣ୍ଠ ଝୋଡ଼ିଆ, ସରଜ ନାଏକ, ରବୀନ୍ଦ୍ର କୁମାର ପାଲ୍, ଜବାହାର ଲାଲ୍ ବାଗ୍, ସୁବାସ ବାଗ, କଂସାରି ଜାନି, ଲକ୍ଷ୍ମୀଧର ବାଗ, ଅର୍ଜୀ ମାଝୀ, ବୈବସୂତ୍ର, ଅଗସ୍ତି ବାଗ, ବିପିନ ମାଣ୍ଡିଙ୍ଗା, କର୍ଣ୍ଣ ଝୋଡିଆ, ଜ୍ୟତି ରନ୍ ଚୌଧରୀ, ଯାଦବ ଚୌଧରୀ, ଦୀନ ଝୋଡିଆ , ସୁରେନ୍ଦ୍ର ବାଗ, ଅନ୍ୟ ମାନେ ଉପସ୍ଥିତ ରହି ପୂହୁଣ୍ଡି ନୂଆସାହି ଗାଁ କିପରି ଡିପି ହବ ସେ ନେଇ ଆଲଚନା କରିବା ସହ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି, ଅଞ୍ଚଳ ବାସୀଙ୍କ ରୋଜଗାର ଓ ନିଯୁକ୍ତି, ଖଣି ପାଣି ହରାଉ ଥିବା ଗ୍ରାମର ଲୋକଙ୍କୁ ସ୍ଥାୟୀ ନିଯୁକ୍ତି ଓ ଅଞ୍ଚଳ ରେ ବିକାଶ କେମିତି ହୋବ ସେ ନେଇ ଆଲୋଚନା କରିଥିଲେ।

# କେନ୍ଦୁଝର , କାଳୀ ପଡିଆ ଠାରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ୨୦୨୫ ଉଦଘାଟିତ

କେନ୍ଦୁଝର ,(ପି.ଏନ): କେନ୍ଦୁଝର ଫରେଷ୍ଟ ଡିଭିଜନ ଏବଂ ମେଡିସିନାଲ ପ୍ଲାଣ୍ଟ ବୋର୍ଡ ଓଡିଶା ମିଳିତ ଆନୁକୂଲ୍ୟରେ ଆଞ୍ଚଳିକ କଳିଙ୍ଗ ହର୍ବାଲ୍ ମେଳା ୨୦୨୫ ଉଦଘାଟନ ହୋଇଯାଇଛି ।ଏହି ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସାଂସଦ ଶ୍ରୀଯୁକ୍ତ ଅନନ୍ତ ନାୟକ ଯୋଗଦାନ କରିଥିଲେ, ଶ୍ରୀଯୁକ୍ତ ନାୟକ ନିଜ ଅଭିଭାଷଣ ରେ ହର୍ବାଲ୍ ଔଷଧ ର ଉପଯୋଗୀତା ତଥା ଏହାର ବ୍ୟବହାର ବିଷୟରେ ମତବ୍ୟକ୍ତ କରିଥିଲେ ।ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ଧରଣୀଧର ମହାବିଦ୍ୟାଳୟ କୁଳପତି ତଥା ମୁଖ୍ୟବକ୍ତା ଶ୍ରୀଯୁକ୍ତ ପ୍ରତାପ ମହାନ୍ତି, ମୁନିସିପାଲିଟି ଅଧକ୍ଷା ଶ୍ରୀମତୀ ନୀକୁ ସାହୁ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସାଗରିକା ସାହୁ, ଓ



ଆଇ. ଏଫ୍. ଏସ୍ ଶ୍ରୀଯୁକ୍ତ ଧନରାଜ ଏଚ୍ ଡି ପ୍ରଭୃତି ନିଜ ନିଜ ଭାଷଣରେ ହର୍ବାଲ ଔଷଧ ଓ ଏହାର ଉପଯୁକ୍ତ ବ୍ୟବହାର ବିଷୟରେ ମତବ୍ୟକ୍ତ କରିଥିଲେ ।ତା ସହ ହର୍ବାଲ ପ୍ଲାଣ୍ଟେସନ ର ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ତା ସହ ବିଭିନ୍ନ ଦିଗ ପ୍ରତି ମଧ୍ୟ ପ୍ରଶାସନ ଧ୍ୟାନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।ଏହି ମେଳା ୨୭ ତାରିଖରୁ ୩ ତାରିଖ ଯାଏଁ ଅନୁଷ୍ଠିତ ହେବ ।ଏହି ହର୍ବାଲ୍ ମେଳା ଦେଖିବାକୁ ଲୋକ ମାନଙ୍କ ମଧ୍ୟରେ ଆଗ୍ରହ ବଢିବାରେ ଲାଗିଛି ।

## ବେସରକାରୀ ବସ ଓ ଟ୍ରକ ମାଲିକ ସଂଘକୁ ଆର ଟି ଓ ଙ୍କ ଚିଠି

ନୂଆପଡା ଜିଲ୍ଲା ଆର ଟି ଓ ବେସରକାରୀ ବସ ଓ ଟ୍ରକ ମାଲିକ ସଂଘର ସଭାପତିଙ୍କୁ ଆସନ୍ତା ଗ୍ରୀଷ୍ମ ପ୍ରବାହ ନିମନ୍ତେ କିଛି ନିୟମ ପାଳନ କରିବାକୁ ଆର ଟି ଓ ଚିଠି ମାଧ୍ୟମରେ ଜଣାଇଛନ୍ତି। ସେ ଲେଖିଛନ୍ତି ଯେ ଓଡିଶା ସରକାର ଓ ନୂଆପଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତ୍ୟଧିକ ଖରାରେ ବସ ଚଳାଚଳ ଦିନ ଏଗାର ଟାରୁ ତିନିଟା ପର୍ଯ୍ୟନ୍ତ ବନ୍ଦ ରହିବ ତା ସଂଗେ ସଂଗେ ବସ ମାନଙ୍କରେ ପାନୀୟଜଳ ଓ ଓ ଆର ଏସ ପାଉଡର ରଖିବାକୁ, କ୍ଷମତା ଠାରୁ ଅଧିକ ଯାତ୍ରୀ ନ ଚଢାଇବା,ବସଷ୍ଟପ ଓ ବସଷ୍ଟାଣ୍ଡ ମାନଙ୍କରେ ଜଳଛତ୍ର ଖୋଲିବାକୁ,କୌଣସି ବସଷ୍ଟପ ପାଖରେ ଯଦି ଆବଶ୍ୟକ ପଡେ ତୁରନ୍ତ ଅସ୍ଥାୟୀ ବିଶ୍ରାମଗୃହ ନିର୍ମାଣ କରିବା ପାଇଁ ଆର ଟି ଓ ଙ୍କ ସହ କଥାହୋଇ ସହଯୋଗ କରିବାକୁ, ସଂଘର କର୍ମ କର୍ତ୍ତା ଦ୍ୱାରା ଲୋକଙ୍କୁ ଗ୍ରୀଷ୍ମ ପ୍ରବାହରୁ କି ପରି ମୁକୁଳିହେବ ସେ ବିଷୟ ରେ ସଚେତନ କରାଇ ବା,ପରିବହନ ମାନଙ୍କରେ ପୋଷ୍ଟର ଲଗାଇବା ପାଇଁ ଅନୁରୋଧ କରିଛନ୍ତି ।

# ବଣିଆପାଟ ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ

କେନ୍ଦୁଝର,(ପି.ଏନ): ଅନୁଧ୍ୟାନ ପେପର (ସୁଜଳ କୁମାର ସେଠୀ ଙ୍କ ରିପୋର୍ଟ) ସ୍ଥାନୀୟ କଲେଜରୋଡ ସ୍ଥିତ ବଣିଆପାଟ ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟ ଶିଶୁ ଭାଇ ଓ ଭଉଣୀ ମାନଙ୍କ ଦ୍ୱାରା ବିଜ୍ଞାନ ନାଟକ , ବିଜ୍ଞାନ ପ୍ରଶ୍ନମଞ୍ଚ , ବୈଜ୍ଞାନିକମାନଙ୍କ ଜୀବନୀ କଥନ , ବିଜ୍ଞାନ ପ୍ରୟୋଗ ଓ ସ୍ୱଳ୍ପ ମୂଲ୍ୟ ବା ବିନାମୂଲ୍ୟର ଉପକରଣ ପ୍ରଦର୍ଶନ ଏବଂ ଶେଷରେ ପ୍ରାଚୀର ପତ୍ର ଉନ୍ମୋଚନ ହୋଇଥିଲା । ଶିଶୁ ବାଟିକା ବିଭାଗର ଶିଶୁ ମାନଙ୍କ ଦ୍ୱାରା ଭାରତୀୟ ବୈଜ୍ଞାନିକ ମାନଙ୍କ ଫଟୋ ପ୍ରଦର୍ଶନ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସମାରୋପ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ସୁଶୀଲ କୁମାର ନାୟକ ଯୋଗଦେଇ



ଆଜିର ଦିବସର ସମ୍ବନ୍ଧରେ ମାର୍ଗଦର୍ଶନ କରିବା ସଂଗେ ସଂଗେ ବିଜ୍ଞାନର ଉପଯୋଗିତା ସମ୍ବନ୍ଧରେ ମାର୍ଗ ଦର୍ଶନ କରିଥିଲେ । ପରିଚାଳନା ସମିତିର ସଂପାଦକ ଭାଗୀରଥି ଗିରିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ପରିଚାଳନା ହୋଇଥିଲା ବେଳେ ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ସଂଗେ ଛାତ୍ର ଓ ଛାତ୍ରୀ ମାନେ ଏଥିରେ ସହଯୋଗ କରିଥିଲେ ।

# ରଙ୍ଗନାଥ ଦେବଙ୍କ ପିଠର ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ବାଣପୁର, (ପି.ଏନ):ଖୋର୍ଦ୍ଧା ଜିଲ୍ଲା ବାଣପୁରର ଆରାଧ ଦେବତା ଶ୍ରୀ ଶ୍ରୀ ଶ୍ରୀ ରଙ୍ଗନାଥ ଦେବଙ୍କ ପିଠର ଉନ୍ନତିକରଣ ନିମନ୍ତେ ତା. ୨୫/୦୨ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଶ୍ରୀ ଶ୍ରୀ ଶ୍ରୀ ରଙ୍ଗନାଥ ଦେବ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ଆନୁକୂଲ୍ୟରେ ମନ୍ଦିର ପରିସରରେ ଜାରି ରହିଥିବା ତିନି ଦିବସୀୟ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇ ଉକ୍ତ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମନ୍ତ୍ରୀ ଶ୍ରୀ ହରିଚନ୍ଦନ । ଏହି ଅବସରରେ ଚିଲିକା ବ୍ଲକ ଅଧକ୍ଷା ଜ୍ୟୋସ୍ନା ବେହେରା,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁମନ୍ତ ପଟ୍ଟନାୟକ, ସମାଜସେବୀ ନନ୍ଦ କିଶୋର ମିଶ୍ର, ବାଣପୁର ନଗର ମଣ୍ଡଳ କାର୍ଯ୍ୟକାରୀ ସଭାପତି ରବିନାରାୟଣ ମିଶ୍ର, ଶ୍ରୀ ଶ୍ରୀ ଶ୍ରୀ ରଙ୍ଗନାଥ ଦେବ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ସଭାପତି ପବନ କୁମାର ରାମ, ସମ୍ପାଦକ ମନୋଜ କୁମାର ଅଗ୍ରୱାଲ,ବରିଷ୍ଠ ସଭ୍ୟ ରାଧାମୋହନ ଅଗ୍ରୱାଲ, ଗିରିଧାରୀ ପାତ୍ର, ଅଶୋକ



ପାତ୍ର,ଦେବଦତ୍ତ ପାତ୍ର, ସଚ୍ଚିଦାନନ୍ଦ ପରିମାଣିକ,ରଙ୍ଗନାଥ ଦେବ ମନ୍ଦିର କମିଟି ସଭାପତି ଦାଶରଥି ସାହୁ, ସମ୍ପାଦକ ରବି ପ୍ରଧାନ, ବରିଷ୍ଠ ସଭ୍ୟ ଆଇନଜୀବୀ ଶ୍ୟାମ ସୁନ୍ଦର ମିଶ୍ର, ଦେବଦତ୍ତ ପାଣି, ବାଳମୁକୁନ୍ଦ ଦାସ ଏବଂ ଉଭୟ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ରଙ୍ଗନାଥ ଦେବ ପିଠ ପରିସରରେ ଛାତ ନିର୍ମାଣ ଏକ ଜରୁରୀ କାର୍ଯ୍ୟ ହୋଇଥିବା ବେଳେ ଦୀର୍ଘ ବର୍ଷ ହେଲା ଏଥିନିମନ୍ତେ ଉଭୟ କମିଟି ପକ୍ଷରୁ ପ୍ରଚେଷ୍ଟା ଜାରି ରହିଥିଲା । ତେବେ ନିକଟରେ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ପକ୍ଷରୁ ଏ ନେଇ ମାନ୍ୟବର ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିବା ବେଳେ, ମନ୍ତ୍ରୀ ତୁରନ୍ତ ଉକ୍ତ ପ୍ରକଳ୍ପକୁ ଅନୁମୋଦନ କରିବା ସହ ଏହାର ଶୁଭ ଦେଇଛନ୍ତି କ୍ଷ ଏବଂ ଆସନ୍ତା ରଥଯାତ୍ରା ମଧ୍ୟରେ ଉକ୍ତ କାର୍ଯ୍ୟ ଶେଷ ହେବ ବୋଲି ଉପସ୍ଥିତ ଭକ୍ତମାନଙ୍କୁ ସୂଚନା ଦେଇଥିଲେ । ଯାହାଫଳରେ ଭକ୍ତମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଏହି ଅବସରରେ ମାନ୍ୟବର ମନ୍ତ୍ରୀଙ୍କୁ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ମନ୍ଦିର ଉନ୍ନୟନ ପ୍ରକଳ୍ପ ଅନୁମୋଦନ କରିଥିବାରୁ ମନ୍ତ୍ରୀଙ୍କୁ ସମସ୍ତ ଭକ୍ତମାନେ କୃତଜ୍ଞତା ଜଣାଇଛନ୍ତି ।

# କୁରେଶ୍ୱର ସରପଞ୍ଚ ବିଜୟଲକ୍ଷ୍ମୀ ନିଲମ୍ବିତ



କୋମନା,(ପି.ଏନ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ଗ୍ରାମପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ ବରାଳ ଙ୍କୁ ଓଡିଶା ସରକାର ଙ୍କ ପଂଚାୟତ ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ନିଲମ୍ବିତ କରାଯାଇଛି ।ନୂଆପଡା ଜିଲ୍ଲାପାଳ ଙ୍କ ରିପୋର୍ଟ ଆଧାର ରେ ସେ ପଂଚାୟତ ନିର୍ବାହୀ ଅଧିକାରୀ ଙ୍କ ସହ ମିଶି ଗ୍ରାମପଞ୍ଚାୟତ କୁ ରାଜ୍ୟ ଓ କେନ୍ଦ୍ର ଅର୍ଥ ଆୟୋଗ ଅନୁଦାନ ପାଣ୍ଠି ରୁ କାମ ନ କରି ପ୍ରକଳ୍ପ ନାମରେ ଟ ୭୬୧୮୮୧/-ଟଙ୍କା ଆତ୍ମସାତ ରେ ସମ୍ପୃକ୍ତି ଅଭିଯୋଗ ର ବିଚାର କରି ଗ୍ରାମପଞ୍ଚାୟତ ଆଇନ ଅନୁଯାୟୀ ସରପଞ୍ଚ ପଦ ରୁ ନିଲମ୍ବିତ କରିଥିବା ଜଣାପଡିଛି । ପୂର୍ବରୁ ଜିଲ୍ଲାପାଳ ସମ୍ପୃକ୍ତ ନିର୍ବାହୀ ଅଧିକାରୀ ବରୁଣ ଦାସ ଙ୍କୁ ନିଲମ୍ବନ କରି ସାରିଥିବାବେଳେ ସରପଞ୍ଚ ଙ୍କ ଦୁଇ ପୁଅ ଘୁଚାଗୁଡା ପଂଚାୟତ ନିର୍ବାହୀ ଅଧିକାରୀ ସତ୍ୟବ୍ରତ ଓ ଉତ୍ତମ ଙ୍କୁ ଏହି ଦୁର୍ନୀତି ରେ ସମ୍ପୃକ୍ତି ଅଭିଯୋଗ ରେ ଦୁର୍ନୀତି ନିବାରଣ ବିଭାଗ ଗିରଫ କରିସାରିଛି ।

# ନୂତନ ସରକାରୀ ନିର୍ବାହୀଯନ୍ତ୍ରୀ ଙ୍କୁ ସ୍ୱାଗତ

ରାଇରଙ୍ଗପୁର -୨୮/୨ : ମୟୁରଭଞ୍ଜ ଜିଲ୍ଲାର ବିଜାତଳା ବ୍ଲକ ରେ କୁମାରୀ ବିମଳା ମାର୍ଣ୍ଡି ନୂତନ ସରକାରୀନିର୍ବାହୀ ଯନ୍ତ୍ରୀ ଭାବେ ଯୋଗଦାନ କରିଛନ୍ତି କ୍ଷ ସେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ରେ କାର୍ଯାରତ ଥିଲେ କ୍ଷ ଏଠାରେ ଥିବା ମୋନାଲିସା ନାଏକ ମୟୁରଭଞ୍ଜ



ଜିଲ୍ଲା ପରିଷଦ କୁ ବଦଳି ହୋଇ ଯାଇଛନ୍ତି କ୍ଷବିଜାତଳା ବ୍ଲକ ରେ ନିର୍ବାହୀ ଯନ୍ତ୍ରୀ ପଦବୀ ଖାଲି ପଡିରହିଥିଲା କ୍ଷ ନୂତନ ଭାବେ ଯୋଗଦାନ କରିଥିବାନିର୍ବାହୀ ଯନ୍ତ୍ରୀ ଙ୍କୁ ଆଜି ବିଜାତଳା ପଂଚାୟତ ସମିତି ଉପାଧକ୍ଷା ଶ୍ରୀମତୀ ରୂପିମଣି ଟୁଡୁ, ଚଢ଼େପାହାଡି ସମିତି ସଭ୍ୟା କୁନି ସର୍ଦାର,ବିଜାତଳା ସମିତି ସଭ୍ୟ ଡିବା ଟୁଡୁ,ବନକାଟି ସମିତି ସଭ୍ୟା ସଂଗୀତାରାଣୀ ହେମ୍ବ୍ରମ, ସରଗଡା ସମିତି ସଭ୍ୟ ରବୀନ୍ଦ୍ରନାଥ ମୁଣ୍ଡା,ଲୁହାଶିଳା ସମିତି ସଭ୍ୟା ଶୁକ୍ରମଣୀ ମାର୍ଣ୍ଡି, ସମାଜ ସେବୀ ସୁପାଇ ଟୁଡୁ, ପୂର୍ବତନ ମାଣିପୁର ସମିତି ସଭ୍ୟ ଦୁଃଖିଶ୍ୟାମ ଟୁଡୁ,ଭଳଭଦ୍ର ମଣ୍ଡଳ,ସୁଶୀଳା ଟୁଡୁ,ରାଜେନ୍ଦ୍ର ମାର୍ଣ୍ଡି,ବିଜୟ ଦାସ ଏବଂ କୁନା ମୁଣ୍ଡା ଉପସ୍ଥିତ ରହିଥିଲେ କ୍ଷସରକାରୀ ନିର୍ବାହୀ ଯନ୍ତ୍ରୀ ବ୍ଲକ ର ଉନ୍ନତି ପାଇଁ କାର୍ଯ୍ୟ ଆଗେଇ ନେବା ପାଇଁ ପ୍ରତିଶୃତି ଦେଇଥିଲେ କ୍ଷ ଏହି ସମ୍ବର୍ଦ୍ଧନା ସମୟରେ ସରକାରୀ ନିର୍ବାହୀ ଯନ୍ତ୍ରୀ ଙ୍କ ସହ ମାତୃଭାଷା ସାନ୍ତାଳୀ ଆଲୋଚନା ଏକ ଖୁସିର ମାହାଲ ସୃଷ୍ଟି କରିଥିଲା ।

# ବ୍ଲକ ସ୍ତରୀୟ ଆଇନ ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ

କୋରାପୁଟ,(ପି.ଏନ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ ରହିଥିବା ସଭାଗୃହ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସି.ଏସ.ଏନ.ଆର ଇଣ୍ଡିଆ ଆନୁକୂଲ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ ସଭାରେ ଦଶମନ୍ତପୁର ପଞ୍ଚାୟତ ସମିତିରେ ଥିବା ଗ୍ରାମ ପଞ୍ଚାୟତରୁ ସରପଞ୍ଚ, ସମିତି ସଭ୍ୟ / ସଭ୍ୟା, ସମାଜସେବୀ, ଅଙ୍ଗନବାଡି କର୍ମୀ, ସି ଆର ପି, ବୁଦ୍ଧିଜୀବୀ, ଗ୍ରାମ ସଭା ମୋବିଲାଇଜର ତଥା ପାରା ଲିଗାଲ ଭୋଲ୍ୟୁଣ୍ଟର ଯୋଗ ଦେଇଥିଲେ ଓ କୋରାପୁଟରେ ମୁଖ୍ୟତଃ ମହିଳା ମାନଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା, ଶିଶୁ ମାନଙ୍କ ପ୍ରତି ହେଉଥିବା ଯୌନ ଶୋଷଣ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରତି ହେଉଥିବା ଅତ୍ୟାଚାର ଇତ୍ୟାଦି ର କିପରି ଆଇନଗତ ସହାୟତା ମିଳିପାରିବ। ସେନେଇ ଏହାକୁ ଆଧାରକରି ଏହି ଶିବିର ଅନୁଷ୍ଠିତ ହୋଇଥିଲା ଓ ଏହି କାର୍ଯ୍ୟକ୍ରମକୁ



ସି.ଏସ.ଏନ.ଆର. ସଂଯୋଜକ ତଥା ଓକିଲ ଅଜୟ କୁମାର ଖୋସ୍ଲା ପରିଚାଳନା କରିଥିଲେ ଓ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟା ଲଳିତା ଯାନୀ ସଭାପତିତ୍ୱ କରିବା ସହ, ଜି ପି ଡ଼ି ଓ ବେଦବ୍ୟାସ ହରିପାଳ, ସରପଞ୍ଚ ସଂଘ ସଭାପତି ସାଇବାଣି ଯାନୀ, ଆଡ଼ଭୋକେସି ଅଫିସର ଜ୍ଞ୍ୟାନସାଗର ନାୟକ, ସୁନୀଲ କୁମାର ମିଶ୍ର, ବ୍ଲକ ପେସା ସଂଯୋଜକ ପଙ୍କଜ କୁମାର ହିଆଲ, କନେଷ୍ଟେବଲ କୃଷ୍ଣପ୍ରିୟା ସିଙ୍ଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗ୍ରଗାମୀର ହରି ଗୌଡ଼, ଶୋଭା ଅନୁଷ୍ଠାନର ବ୍ଲକ ସଂଯୋଜକ ସଦନ ସାଉଁତା ତଥା ଦଶମନ୍ତପୁର ଅଞ୍ଚଳରୁ ଅନେକ ଲୋକମାନେ ଯୋଗ ଦେଇଥିଲେ ଓ ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ରମକୁ ସଭା ପରିଚାଳନା କାରିଙ୍କ ଦ୍ୱାରା ଏହାକୁ ପରି ସମାପ୍ତି କରାଯାଇଥିଲା।

# ପିଡିତ ଅଜୁ ନାଏକ ପରିବାରଙ୍କୁ ଭେଟିଲେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି




ପାଲଲହଡ଼ା,(ପି.ଏନ): ପାଲଲହଡ଼ା ଥାନା ନନ୍ଦିନିପାଲି ଠାରେ କିଛି ଦିନ ତଳେ ଘଟିଥିବା ଲୋମହର୍ଷଣକାରୀ ଘଟଣା ପୀଡିତ ଅଜୁ ନାଏକ ପରିବାରକୁ ପାଲଲହଡା ବିଧାୟକ ଅଶୋକ ମହାନ୍ତି ଓ ବିଜେପି କାର୍ଯ୍ୟକର୍ତ୍ତା ଭେଟି ସମବେଦନା ଜଣାଇଥଲେ । ଅଜୁ ନାଏକ ପରିବାରକୁ ଆର୍ଥିକ ସହାୟତା ଦେବା ସହିତ ତାହାର ଶୁଦ୍ଧକ୍ରିୟା ପାଇଁ ଆର୍ଥିକ ସହାୟତା ଯୋଗାଇବା ପାଇଁ ପାଲଲହଡ଼ା ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ସେପରି ଅଜୁର ଚାରୋଟି ପିଲା କିପରି ପାଠ ପଢ଼ିବେ ସେଥିପାଇଁ ଜିଲ୍ଲାପାଳ ଙ୍କୁ ନିର୍ଦ୍ଦେଶ ଦେଲେ । ଜିଲ୍ଲା ଶିଶୁ ଅଧିକାରୀଙ୍କୁ ଘଟଣା ସ୍ଥଳ ପରିଦର୍ଶନ କରି ରିପୋର୍ଟ ଦେବା ପାଇଁ ଫୋନ ଯୋଗେ ନିର୍ଦ୍ଦେଶ ଦେଲେ । ଏହାସହିତ ଏକ ଉଚ୍ଚ ସ୍ତରୀୟ ତଦନ୍ତ କରିବା ଏବଂ ଅନ୍ୟ କାହାର ସଂପୃକ୍ତି ଅଛି କି ନାହିଁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ବିଜେପି କାର୍ଯ୍ୟକର୍ତ୍ତା ତନ୍ମୟ କୁମାର ସାହୁ, ଡିଲେଶ୍ୱର୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ କେନ୍ଦୁଝର ଜିଲ୍ଲାର ୧୪୦ ଜଣଙ୍କ ନାଶିକ ଓ ଶିରିଡ଼ି ଯାତ୍ରା



କେନ୍ଦୁଝର, : କେନ୍ଦୁଝର ଜିଲ୍ଲାର ୧୪୦ ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଜରିଆରେ ଶିରିଡ଼ି ଓ ନାଶିକ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ତୀର୍ଥଯାତ୍ରୀଙ୍କୁ ନେଇ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏକ ସ୍ୱତନ୍ତ୍ର ବସକୁ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ସବୁଜ ପତାକା ପ୍ରଦର୍ଶନ କରି ଆନୁଷ୍ଠାନିକ ଭାବେ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସିଂହ ତୀର୍ଥଯାତ୍ରୀ ମାନଙ୍କ ସହ ଭାବ ବିନିମୟ କରି ସଫଳ ଯାତ୍ରା କାମନା କରି ଶୁଭେଚ୍ଛା ଜଣାଇଥିଲେ । ତୀର୍ଥଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖିବା ସହ ସମସ୍ତ ସୁବିଧା ଉପଲବ୍ଧ କରାଇ ସେମାନଙ୍କୁ ଏକ ସୁନ୍ଦର ଏବଂ ଆଧାତ୍ମିକ ଅନୁଭୂତି ପ୍ରଦାନ କରିବା ନିମନ୍ତେ ଅନୁରକ୍ଷଣ ଅଧିକାରୀ (ଏସକର୍ଟ ଅଫିସର) ମାନଙ୍କୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଶ୍ରୀ ରବୀନ୍ଦ୍ର ପ୍ରଧାନ ଓ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ନାୟକ ଉପସ୍ଥିତ ରହିଥିଲେ ।

# ବିଶିଷ୍ଟ ଶ୍ରମିକ ନେତା ବ୍ରହ୍ମା ଶଙ୍କର ମିଶ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ

ତାଳଚେର,(ପି.ଏନ): ତାଳଚେରର ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତ ବ୍ରହ୍ମା ଶଙ୍କର ମିଶ୍ରଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଏକ ସ୍ମୃତି ସଭା ତାଳଚେର ମିଡ଼ିଆ ସେଣ୍ଟର୍ ଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଭାରେ ସ୍ୱର୍ଗତ ମିଶ୍ରଙ୍କ ଜ୍ୟେଷ୍ଠ ପୁତ୍ର ସ୍ପେଶିଆଲ ପି ପି ଗିରିଜା ଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ। ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଶ୍ରମିକ ନେତା, ଓକିଲ ଓ ସାମ୍ବାଦିକ ମାନେ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସ୍ୱର୍ଗତ ମିଶ୍ର ଜଣେ ସାଲିସ ବିହୀନ, ନିର୍ଭୀକ ଶ୍ରମିକ ନେତା ଥିଲେ। ତାଳଚେର ର କୋଇଲାଖଣି ଅଞ୍ଚଳରେ ସେ ଜଣେ ଅପ୍ରତିଦ୍ୱନ୍ଦୀ ନେତା ଥିବାବେଳେ ଶ୍ରମିକ ମାନଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ ସବୁବେଳେ ଆଗରେ



ରହୁଥିଲେ। ଏହାସହ ସେ ଜଣେ ସ୍ତମ୍ଭକାର ଥିବାସହ ତାଳଚେର ବୁଦ୍ଧିଜୀବୀ ଫୋରମ୍ ର ଆବାହକ ଥିଲେ ବୋଲି ଉପସ୍ଥିତ ଅତିଥି ମାନେ ତାଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ମିଶ୍ରଙ୍କ ନାମରେ ଏକ ସ୍ମୃତି କମିଟି ଗଠନ କରାଯାଇ ଆଗାମୀ ବର୍ଷରେ ତାଙ୍କ ଶ୍ରାଦ୍ଧବାର୍ଷିକୀ ଉପଖଣ୍ଡ ସ୍ତରରେ କରାଯିବ ବୋଲି ସ୍ଥିର ହୋଇଛି। ସ୍ମୃତି ସଭାରେ ସାମ୍ବାଦିକ ବିରଜା ଶଙ୍କର ମିଶ୍ର, ସୌଭାଗ୍ୟ ମହାରଣା, ତ୍ରିଲୋଚନ ସ୍ୱାଇଁ, ତପନ ମହାରଣା, ମନୋଜ ଶତପଥୀ, ଚିତ୍ତରଞ୍ଜନ ପାଣି, ବେଣୁଧର ଦାସ, ବିଜେପି ନେତା ଅକ୍ଷୟ ବିଶ୍ୱାଳ ଓ ସୁନିଲ ସିଂ ପ୍ରମୁଖ ଯୋଗଦେଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଅପ୍ରେଲ ୨୮**

# ମାନସିକ ଅବସାଦରୁ ମୁକ୍ତି ପାଇଁ ପରିବାରର ଭୂମିକା



ଶିବମ୍ ପଟ୍ଟନାୟକ

ଆମେ ବେଳେ ବେଳେ କଥା ପ୍ରସଙ୍ଗରେ ଅନ୍ୟକୁ କହିଥାଉ କି – ତୋର ମୁଣ୍ଡ ତ ଖରାପ ହୋଇଯାଇଛି କି କ୍ଷ ତେବେ ଜାଣତରେ ହେଉ ବା ଅଜାଣତରେ ଆମେ ମାନସିକ ସ୍ୱାସ୍ଥ୍ୟ କଥା ହଁ କହିଥାଉ କ୍ଷ ଏହି କଥାକୁ ସମସ୍ତେ ହାଲୁକା ଭାବରେ ନେଇଥାନ୍ତି କ୍ଷ ମାତ୍ର ଆମକୁ ବୁଝିବାକୁ ହେବ ଯେ ଜଣେ ବ୍ୟକ୍ତିର ଜୀବନରେ ମାନସିକ ସ୍ୱାସ୍ଥ୍ୟ ର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ କ୍ଷ ମାନସିକ ସ୍ୱାସ୍ଥ୍ୟ ଜଣେ ମଣିଷର ଆଚାର, ବିଚାର, କାର୍ଯ୍ୟଶୈଳୀ , ମାନସିକ ଦକ୍ଷତା , ବ୍ୟବହାର ସବୁକୁ ନିୟନ୍ତ୍ରଣ କରିଥାଏ କ୍ଷ ଆମର ଶାସ୍ତ୍ର ପୁରାଣ ମାନଙ୍କରେ ମଣିଷର ଶରୀର କୁ ଓଲଟବୃକ୍ଷ ଭାବରେ ଚିତ୍ରଣ କରାଯାଇଛି କ୍ଷ ଅର୍ଥାତ୍; ଗୋଟେ ବୃକ୍ଷର ମୂଳ ଯେଉଁଭଳି ଭାବରେ ମାଟିରେ ନିହିତ ଥାଇ ତାକୁ ସମସ୍ତ ଆବଶ୍ୟକୀୟ ପୋଷକତତ୍ତ୍ୱ ଯୋଗାଇବା ସହିତ ତାର କ୍ରିୟା, ପ୍ରକ୍ରିୟା କୁ ନିୟନ୍ତ୍ରଣ କରିଥାଏ , ଠିକ୍ ସେହିଭଳ ଭାବରେ ମଣିଷର ମସ୍ତିଷ୍କ ଶରୀରର ଉପର ଭାଗରେ ଥାଇ ମଧ୍ୟ ତାର ବିଭିନ୍ନ ସ୍ନାୟବିକ ପ୍ରକ୍ରିୟା ଦ୍ୱାରା ଆମର ସମସ୍ତ ଶାରୀରିକ ତଥା ମାନସିକ କାର୍ଯ୍ୟକଳାପ କୁ ନିୟନ୍ତ୍ରଣ କରିଥାଏ ।

ଗବେଷଣା କୁହେ – ; ଯଦି ଜଣେ ପ୍ରତେହ ଯୋଗ, ଧ୍ୟାନ, ପ୍ରାଣାୟମ , ବ୍ୟାୟାମ, ପୁସ୍ତକ ପାଠ କରିବା, ସ୍ତୋତ୍ର ମନ୍ତ୍ର ଆଦି ଉଚ୍ଚାରଣ କରିବା ଅଭ୍ୟାସ କରେ ; ତେବେ ଏହା ଦ୍ୱାରା ତାର ବୌଦ୍ଧିକ ବିକାଶ ଘଟିବା ସହିତ ମାନସିକ ସ୍ୱାସ୍ଥ୍ୟ ରେ ଅଭିବୃଦ୍ଧି ଘଟିଥାଏ। ବ୍ୟକ୍ତିର ଆନ୍ତରିକ ଉର୍ଜା ର ପ୍ରକାଶ ଘଟିବା ସହିତ ତା ଭିତରେ ଥିବା ସୃଜନଶୀଳତା, ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଘଟିଥାଏ ।। ମସ୍ତିଷ୍କ ରେ ଥିବା ପିନିଆଲ୍ ଗ୍ରନ୍ଥିରୁ ଅକ୍ସିଟୋସିନ, ଡୋପାମିନ୍, ସେରିନ୍ ଭଳି ଭଲ ସ୍ନାୟୁ ରସ କ୍ଷରଣ ହୋଇ ମସ୍ତିଷ୍କ କୁ ସୁସ୍ଥ ତଥା ସତେଜ ରଖିବା ପାଇଁ ସାହାଯ୍ୟ କରେ କ୍ଷ ଆମ ଭାରତୀୟ ପରମ୍ପରାରେ ପ୍ରାଚୀନ କାଳରୁ ଗ୍ରାମ୍ୟ ଜୀବନର ବସବାସ କରିବା, ଗୁରୁଜନଙ୍କ ଉପଦେଶ ମାନି ଚଳିବା , ଅବସର ସମୟରେ ସନ୍ଧ୍ୟା ସମୟରେ ଭାଗବତ ପାଠ କରିବା, ପୁରାଣ ଚର୍ଚ୍ଚା କରିବା ଆଦି ପ୍ରଚଳିତ ଥିଲା । ଫଳରେ ଆମ ସମାଜରେ ଲୋକ ମାନଙ୍କ ମଧ୍ୟରେ ନିଦ୍ରା ହୀନତା, ମାନସିକ ଅବସାଦ, ମାନସିକ ଚାପ, ଦୁଶ୍ଚିନ୍ତା ଭଳି ସମସ୍ୟା ନଥିଲା । ଯୌଥ ପରିବାରର ପ୍ରଚଳନ କାହିଁ କେତେ କାଳରୁ ରହି ଆସିଥିଲା ଆମ ସମାଜରେ କ୍ଷ ଯୌଥ ପରିବାରରେ ନିଜ ସମ୍ପର୍କୀୟ ମାନଙ୍କ ଗହଣରେ ଜଣେ ଯେତେବେଳେ ଥାଏ , ସେଠି ବ୍ୟକ୍ତି ଜଣକ ନିଜ ଲୋକ ମାନଙ୍କର ସମ୍ପୂର୍ଣ୍ଣ ସମର୍ଥନ ପାଇଥାଏ କ୍ଷ ସମସ୍ତେ ସମସ୍ତଙ୍କର ସୁଖ, ଦୁଃଖ ରେ ସହଭାଗୀ ହେଉଥିବାରୁ କାହାରି ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇନଥାଏ କ୍ଷ ମାତ୍ର କାଳକ୍ରମେ ସମାଜର ଆଧୁନୀକରଣ, ପାଶ୍ଚାତ୍ୟ ସଂସ୍କୃତିର ଅନୁଶୀଳନ, ପାରିବାରିକ ବିବାଦ, ପରିବାର ଭିତରେ ବଢୁଥିବା ଫାଟ ଯୋଗୁଁ ଏକକ ପରିବାର ସଂଖ୍ୟାରେ ବୃଦ୍ଧି ଘଟିଛି ।ବିଶେଷଜ୍ଞ ମାନଙ୍କ ମତରେ ନିଃସଙ୍ଗତା , ଏକକ ପରିବାର ରେ ବାସ କରିବା ମାନସିକ ଚାପ, ସମସ୍ୟା ବୃଦ୍ଧିର ଏକ ପ୍ରମୁଖ କାରଣ । ଆମେ ବର୍ତ୍ତମାନ ଏକ ଏଭଳି ସମୟର ଆସି ପହଞ୍ଚିଛେ ଯେଉଁଠି ଆମ ପାଖରେ ଫେସବୁକ୍ ରେ ତ ଦଶହଜାର ବନ୍ଧୁ ଅଛନ୍ତି କ୍ଷ ମାତ୍ର ନିଜ ଭାଇ, ଭଉଣୀ ମାନଙ୍କ ସହିତ ସମ୍ପର୍କ ନାହିଁ । ଆମେରିକା ତଥା ଇଉରୋପ ଭଳି ଆମେ ମଧ୍ୟ ସମ୍ପର୍କରେ ଆଉ ପରସ୍ପରର ଭାବନାକୁ ସମ୍ମାନ ଦେଉନାହୁଁ । ଫଳରେ ମାନସିକ ସମସ୍ୟା, ଆତ୍ମହତ୍ୟା ଭଳି ଏକ ଚରମ ପଦକ୍ଷେପରେ ପରିଣତ ହେଉଛି । ତେଣୁ ଆମକୁ ମାନସିକ ଅବସାଦ ଦୂରୀକରଣ କ୍ଷେତ୍ରରେ ପରିବାରର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଉପଲବ୍ଧି କରିବାକୁ ହେବା କ୍ଷ ପରିବାର ରେ ପରସ୍ପର ସ୍ନେହ, ପ୍ରେମ ଶ୍ରଦ୍ଧା, ଆଦର ଓ ଭଲପାଇବା ଦ୍ୱାରା ମାନସିକ ଅବସାଦର ବିନା ଔଷଧରେ ଚିକିତ୍ସା ସମ୍ଭବ ।

*କଳନ୍ତିରା, ବିରିଡ଼ି, ଜଗତସିଂହପୁର , ୭୫୪୧୩୦*
*ମୋ : ୯୦୭୮୨୦୫୭୭୭*

# ବିଚାରପତି ଗତିକୃଷ୍ଣ ମିଶ୍ର

*ସୌର ଚନ୍ଦ୍ର ମହାପାତ୍ର*

ଆଇନ ଅଦାଲତ ଦୁନିଆରେ ଜଷ୍ଟିସ ଗତିକୃଷ୍ଣ ମିଶ୍ର ଏକ ସୁପରିଚିତ ନାମ। ନିରପେକ୍ଷ, ନ୍ୟାୟପୂର୍ଣ୍ଣ ବିଚାର ପାଇଁ ସେ ପ୍ରସିଦ୍ଧ ଥିଲେ। ରେଭେନ୍ସା ମହାବିଦ୍ୟାଳୟରେ ବିଜ୍ଞାନରେ ଇଣ୍ଟରମିଡ଼ିଏଟ ଉତ୍ତୀର୍ଣ୍ଣ ହେବା ପରେ, ପାଟନା ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ସ୍ନାତକୋତ୍ତର ଓ ଆଇନ ପଢ଼ିଥିଲେ। ୧୯୪୦ରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ୧୯୪୩ରେ ମୁନସ। ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ପରେ ଚାକିରିରୁ ଇସ୍ତଫା ଦେଇ ପୁନର୍ବାର ଓକିଲାତି କରିଥିଲେ। ଅସାଧାରଣ ପ୍ରତିଭା, କର୍ମନିଷ୍ଠା ଓ ପାରଦର୍ଶିତା ଯୋଗୁଁ ସରକାର, ତାଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦେଇଥିଲେ। ୧୯୬୯ରେ ସେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଆସନ ଅଳଂକୃତ କରିଥିଲେ। ମୁଖ୍ୟ ବିଚାରପତି ଥିବାବେଳେ ୧୯୭୨ ଓ ୧୯୭୪ରେ ଆମ ରାଜ୍ୟର କାର୍ଯ୍ୟକାରୀ ରାଜ୍ୟପାଳ ଦାୟିତ୍ୱ ତୁଲାଇଥିଲେ। ନ୍ୟାୟ ବ୍ୟବସ୍ଥାରେ ପରିବର୍ତ୍ତନ ଓ ସଂସ୍କାର ଦ୍ୱାରା ଲୋକଙ୍କୁ ନ୍ୟାୟ ମିଳିପାରିବ ଏବଂ ଏଥିପାଇଁ ଓକିଲଙ୍କୁ ତାଲିମ ତଥା ତ୍ୱରାନ୍ୱିତ ବିଚାର ବ୍ୟବସ୍ଥା ପାଇଁ ଅଧିକ ଲୋକ ଅଦାଲତ ପ୍ରତିଷ୍ଠାର ଆବଶ୍ୟକତା ସପକ୍ଷରେ ସେ ଦୃଢ଼ ମତ ପୋଷଣ କରୁଥିଲେ। ୧୯୧୩ ଅକ୍ଟୋବର ୩୧ ତାରିଖ ଦିନରେ ଢ଼େଙ୍କାନାଳ ଜିଲ୍ଲା ଗଇଲୋ ଗ୍ରାମରେ ନ୍ୟାୟମୂର୍ତ୍ତି ଗତିକୃଷ୍ଣ ମିଶ୍ର ଜନ୍ମ ଗ୍ରହଣ କରିଥିଲେ। ଆଜିର ଭାରତର ନ୍ୟାୟିକ ବ୍ୟବସ୍ଥା ଓ ବିଳମ୍ବିତ ନ୍ୟାୟକୁ ନେଇ ଯେଉଁପରି ଉଦ୍‌ବେଗଜନକ ପରିସ୍ଥିତି ବେଳେ ବେଳେ ସୃଷ୍ଟି ହେଉଛି ଏପରି ସମୟରେ ବିଚାରପତି ଗତିକୃଷ୍ଣ ମିଶ୍ରଙ୍କ ଆଦର୍ଶଣୀୟ ବିଚାରବନ୍ତ ନ୍ୟାୟ ପଦ୍ଧତିର ଜୀବନ ପ୍ରତିଟି ଆଇନଜୀବୀଙ୍କ ପାଇଁ ସ୍ମରଣୀୟ। ତୀକ୍ଷ୍ଣ ବୁଦ୍ଧି ଆଇନର ସୂକ୍ଷ୍ମାତିସୂକ୍ଷ୍ମ ଓ ଜଟିଳ ଆଇନ କ୍ଷେତ୍ର ଉପରେ ତାଙ୍କର ଅଗାଧ୍ୟ ପାଣ୍ଡିତ୍ୟ ଥିଲା। ତାଙ୍କ ନିରଳସ, ନିରାଡ଼ମ୍ବର, ସରଳ ଜୀବନ ଓ ଯୁବ ଆଇନଜୀବୀଙ୍କ ପାଇଁ ସେ ଯେଉଁପରି ଉଚିତ ନ୍ୟାୟ ପଦ୍ଧତିର ମାର୍ଗ ଦେଖାଉଥିଲେ ତାହାକୁ ଆଜିର ଦିବସରେ ସ୍ମରଣ କରିବା ଅତ୍ୟନ୍ତ ପ୍ରାସଙ୍ଗିକ।

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ନ୍ତସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ**

# ରେଳବାଇକୁ ଶନିଦଶା !



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଆନ୍ଧ୍ର ପ୍ରଦେଶର ବିଜୟନଗମର ଜିଲ୍ଲାରେ ଟ୍ରେନ ଦୁର୍ଘଟଣା, ଯେଉଁଥିରେ ୧୩ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ ୩୮ଜଣ ଆହତ ହୋଇଥିଲେ, କେବଳ ବାଲେଶ୍ୱର ଜିଲ୍ଲାର ବାହାନଗା ରେଳ ଦୁର୍ଘଟଣାର ଦୁଃଖଦ ପରିସ୍ଥିତିକୁ ମନେ ପକାଇ ଦେଇନାହିଁ, ରେଳ ନିରାପତା ବ୍ୟବସ୍ଥାରେ ତ୍ରୁଟି, ଅପରାଗତା ପୁରି ପଦାରେ ପକାଇ ଦେଇଛି ବୋଲି କୁହାଯାଇପାରିବ। କେବଳ ଏତିକି ନୁହେଁ, ବିଜୟନଗରମ୍ ଜିଲ୍ଲାର କଂଟକାପାଲ୍ଲିଠାରେ ଘଟିଥିବା ରେଳ ଦୁର୍ଘଟଣା ମଣିଷକୃତ ବୋଲି ଖୋଦ ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। କଂଟକାପାଲୀ ଷ୍ଟେସନରେ ବିଶାଖାପାଟନମ୍-ପଲାସା ଟ୍ରେନ ଛିଡା ହୋଇଥିବାବେଳେ ପଛପଟୁ ବିଶାଖାପାଟଣାମ୍-ରାୟଗଡା ଯାତ୍ରୀ ଟ୍ରେନ ଧକ୍କା ଦେଇଥିଲା। ତହିଁରେ ଉଭୟ ଟ୍ରେନର ଦୁଇଟି ଲେଖାଏଁ ବଗି ଲାଇନ୍‌ଚ୍ୟୁତ ହୋଇଥିଲା। ସ୍ମରଣ କରାଯାଇପାରେ ଯେ, ଗତ ଜୁନ ମାସରେ ବାଲେଶ୍ୱର ଜିଲ୍ଲାର ବାହାନଗାଠାରେ ତିନୋଟି ଟ୍ରେନ ମଧ୍ୟରେ ଧକ୍କାର ହୃଦୟ ବିଦାରକ ଦୁର୍ଘଟଣା ପରେ ଏହା ମାତ୍ର ଚାରି ମାସ ପରେ ସମାନ ଢଙ୍ଗରେ ଦ୍ୱିତୀୟ ବଡ ଧରଣର ଦୁର୍ଘଟଣା। ଯେଉଁଠାରେ ୨୭୫ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ ଶହଶହ ଯାତ୍ରୀ ଆହତ ହୋଇଥିଲେ। ଉଭୟ ଦୁର୍ଘଟଣାର ମାନବାକୃତ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି ବୋଲି କୁହାଯାଇପାରେ। ଚାରିମାସ ମଧ୍ୟରେ ଦୁଇଟି ରେଳ ଦୁର୍ଘଟଣା ମାନବକୃତ ବୋଲି କୁହାଯାଉଥିବାବେଳେ ସମାନ ଢଙ୍ଗରେ କିଭଳି ତାହା ବାରମ୍ବାର ଘଟୁଛି, ଏବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ବାହାନଗାରେ ଭୟାବହ ଟ୍ରେନ ଦୁର୍ଘଟଣା, ଯାହାକୁ କି ଦେଶର ସବୁଠାରୁ ଭୟାନକ, ଏପରି ଘଟଣାର ଆଉ ପୁନରାବୃତି ହେବ ନାହିଁ ବୋଲି ରେଳବାଇ କିମ୍ବା ସରକାର ଜନସାଧାରଣଙ୍କୁ ନିର୍ଭର ପ୍ରତିଶ୍ରୁତି ଦେବା ଭଳି କୌଣସି ଫଳପ୍ରଦ ପଦକ୍ଷେପ କିମ୍ବା ଅଭିଯାନ ଗ୍ରହଣ କରିନଥିବା କଂଟକାପାଲ୍ଲୀ ଦୁର୍ଘଟଣା ସଂକେତ ପ୍ରଦାନ କରୁଛି ବୋଲି କହିଲେ ଭୁଲ ହୋଇନପାରେ। ଏହା ସତ୍ୟ ଯେ, ଭାରତୀୟ ରେଳବାଇ ହେଉଛି ବିଶ୍ୱର ସବୁଠାରୁ ବୃହତମ ରେଳନେଟୱାର୍କ ଏବଂ ଯାତ୍ରୀ ପରିବହନ କ୍ଷେତ୍ରରେ ସର୍ବବୃହତ ମାଧ୍ୟମ ୭ହଜାର ୫୦୦ରୁ ଉର୍ଦ୍ଧ୍ୱ ଯାତ୍ରୀବାହୀ ଟ୍ରେନ ଦୈନିକ ଚଳାଚଳ କରୁଥିବାବେଳେ ଏଥିରେ ୨୦କୋଟିରୁ ଅଧିକ ଯାତ୍ରୀ ଯାତାୟତ କରିଥାନ୍ତି। ସେହିପରି ୬ହଜାରରୁ ଉର୍ଦ୍ଧ୍ୱ ମାଲବାହୀଟ୍ରେନ ମଧ୍ୟ ଚଳାଚଳ କରିଥାଏ। ଯେଉଁଥିରେ ଲକ୍ଷ ଲକ୍ଷ ମେଟ୍ରିକ ଟନ୍ ମାଲ ଦୈନିକ ପରିବହନ ହୋଇଥାଏ। ରେଳବାଇ ରାଜସ୍ୱ ଆୟ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସତ୍ତ୍ୱେ ଯାତ୍ରୀ ନିରାପତା ପ୍ରତି ବିଭାଗ ସମ୍ପୂର୍ଣ୍ଣ ଆଖିବୁଜି ଦେଇଛି ବୋଲି କହିଲେ ଅତିରଂଜିତ ହେବ ନାହିଁ। ଏବେ ସରକାର ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ ଚଳାଚଳରୁ ଏକ ପ୍ରମୁଖ ସଫଳତା ବୋଲି ଡିଣ୍ଡିମ ପିଟୁଥିବାବେଳେ ଯାତ୍ରୀ ଓ ମାଲପରିବହନ ନିରାପତା ପ୍ରତି ଯେତିକି ଦୃଷ୍ଟି, ଧ୍ୟାନ ଏବଂ ଅଗ୍ରାଧିକାର ଦେବା କଥା ତାହା ଦେଉନଥିବା ମନେହୁଏ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଗତ ୯ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୪ରୁ ୨୦୨୩ ମଧ୍ୟରେ ଛୋଟବଡ ୧୨୧ଟି ଦୁର୍ଘଟଣା ଘଟିଥିବା ଏକ ରିପୋର୍ଟରୁ ଜଣାଯାଇଛି। ରେଳ ଲାଇନଚ୍ୟୁତ ହେବା ଏକ ନିୟମିତ ଘଟଣାରେ ପରିଣତ ହୋଇଥିବାବେଳେ କେଉଁଠି ଟ୍ରେନରେ ନିଆଁ ଲାଗିଗଲାଣି ତ କେଉଁଠି ବଗି ଛାଡି ଇଂଜିନ ଚାଲିଗଲାଣି। ସେହିପରି ଟ୍ରେନ ପଥଭ୍ରଷ୍ଟ ଅର୍ଥାତ ବାଟବଣା ହୋଇ ଲକ୍ଷ୍ୟସ୍ଥଳ ପରିବର୍ତେ ଅନ୍ୟତ୍ର ଚାଲିଯାଉଥିବା ଖବର ଗଣମାଧ୍ୟମର ଶିରୋନାମା ପାଲଟିଛି। ଏଥିରୁ ରେଳ କର୍ମଚାରୀଙ୍କ ଠାରୁ ଅଫିସର କର୍ମକର୍ତା, କେତେ ତତ୍ପର ତାହା ସ୍ପଷ୍ଟ ବୁଝାପଡେ। ଏଥିରେ ସନ୍ଦେହନାହିଁ ଯେ, ୨୦୨୩ରେ ରେଳବାଇ ଯେଉଁ ଭଳି ସଂକଟ ସମସ୍ୟାର ସମ୍ମୁଖୀନ ହୋଇଛି, ପୂର୍ବରୁ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥିଲା ପରି ମନେ ହେଉନାହିଁ। ସଂକ୍ଷେପରେ ଭାରତୀୟ ରେଳବାଇକୁ ଏବେ ଶନିଦଶା ଗ୍ରାସ କରିଛି ବୋଲି କୁହାଯାଇପାରେ। କହିବା ଅଯଥାର୍ଥ ହେବ ନାହିଁ ଯେ, ଯାତ୍ରୀ ନିରାପତା ହେଉଛି ରେଳବାଇର ପ୍ରଥମ ଏବଂ ପ୍ରଧାନ କର୍ତବ୍ୟ ମାତ୍ର ଏଥିପ୍ରତି ଆଖିବୁଜା ଦେଇଥିବା କ୍ରମାଗତ ଘଟଣାବଳି ସଂକେତ ପ୍ରଦାନ କରେ। ଯେଉଁସବୁ କ୍ରମାଗତ ସଂକଟ ଓ ସମସ୍ୟା ଦୈନନ୍ଦିନ କାର୍ଯ୍ୟରେ ଲାଗି ରହିଛି, ସେ ନେଇ ରେଳବାଇ ବିଶ୍ଳେଷଣ କରିବା ଉଚିତ। ସିଗନାଲ ସିଷ୍ଟମ ଏବଂ ଟେଲିକମ୍ୟୁନିକେସନର ଅପଗ୍ରେଡେସନ ପ୍ରତି ରେଳବାଇ ଯଥେଷ୍ଟ ଗୁରୁତ୍ୱ ଦେଉନାହିଁ, ଯାହାକି ସିଗନାଲ ତ୍ରୁଟିରୁ ଦୁର୍ଘଟଣା ମୁଖ୍ୟ କାରଣ ହୋଇଛି। ଗତ ୨୦୦୦ ମସିହାରୁ ସମସ୍ତ ଟ୍ରେନରେ ଆଂଟି କୋଅଲିସନ ସିଷ୍ଟମ ଲାଗୁପାଇଁ ନିଷ୍ପତି ହୋଇଥିଲେ ମଧ୍ୟ ଯେତିକି ଟ୍ରେନରେ ଲାଗିଛି, ତାହା ସମୁଦ୍ରକୁ ଶଙ୍ଖେ। ସେହିପରି ରେଳ ନିରାପତାରେ ସମ୍ପୃକ୍ତ ୫୩ହଜାରରୁ ଅଧିକ ପଦବୀ ଖାଲି ପଡିଛି। ୧୧ ହଜାରରୁ ଉର୍ଦ୍ଧ୍ୱ ଲେବଲ କ୍ରସିଂ ଫାଟକ ଇଂଟରଲକିଂ ହୋଇପାରିନଥିବାବେଳେ ମାନବକୃତ ଦୁର୍ଘଟଣା ଏଡାଇବା ପାଇଁ ୬୪୨୭ ଷ୍ଟେସନରେ ଇଲେକୋଟ୍ରୋନିକ୍ ଇଂଟରଲକିଂ ସିଷ୍ଟମ ବର୍ତମାନ ସୁଦ୍ଧା କାର୍ଯ୍ୟକାରୀ କରିବାରେ ବିଭାଗ ବିଫଳ ହୋଇଛି। ରେଳବାଇର ଗୁରୁତ୍ୱପୂର୍ଣ୍ଣ ନିରାପତା ବ୍ୟବସ୍ଥାର ଅପଗ୍ରେଡେସନ୍ ପାଇଁ ରାଷ୍ଟ୍ରୀୟ ରେଳ ସର୍ଣ୍ଣାକ୍ଷ କୋଷ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛି। ଏହା ବ୍ୟତୀତ ରେଳ ଦୁର୍ଘଟଣାର ତଦନ୍ତ ହେଉଛି, କାରଣ ଖୋଜାଯାଉଛି। କେବଳ ତଳିଆ କର୍ମଚାରୀ ଦଣ୍ଡିତ ହେଉଥିବାବେଳେ ବଡବଡିଆ ଖସି ଯାଉଛନ୍ତି। ବରିଷ୍ଠ ରେଳବାଇ ମ୍ୟାନେଜମେଂଟକୁ ଉତରଦାୟୀ କରିବା ପାଇଁ ପଦକ୍ଷେପ ନେବା ଜରୁରୀ। ଅନ୍ୟଥା ରେଳବାଇକୁ ଦୁର୍ଦ୍ଦଶା ଛାଡିବ ନାହିଁ। ନିୟମିତ କିଛି ନା କିଛି ଅଘଟଣ ସତ୍ତ୍ୱେ ରେଳବାଇ ଚେତିବ କେବେ? ଏହା ହିଁ ଏବେ ମୁଖ୍ୟ ପ୍ରଶ୍ନ।

**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧,**
**ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩,**
**ଶିଶୁପାଳଗଡ,-୭୫୧୦୦୨**
**ମୋ ନଂ-୯୪୩୭୯୯୪୩୭୯**

# 'ଡିପ୍‌ଫେକ୍'ରୁ ବିପତି



ଉମାଶଙ୍କର ପ୍ରସାଦ

ଡିପ୍‌ଫେକ୍' କହିଲେ ବୈଷୟିକ କୌଶଳ ମାଧ୍ୟମରେ କୌଣସି ଭିଡିଓର ମୌଳିକ ଦୃଶ୍ୟ ଓ ଶ୍ରାବ୍ୟ (ଭିଡିଓ ଓ ଅଡିଓ) ବିଷୟ(କଂଟେଟ୍) ପରିବର୍ତନ କରି ନକଲ ପ୍ରସ୍ତୁତିକୁ ବୁଝାଯାଏ। 'ଫେକ ନିଉଜ'କୁ 'ଅସତ୍ୟ ସମ୍ବାଦ' କୁହାଗଲେ 'ଡିପ୍‌ଫେକ୍'କୁ 'ଅସତ୍ୟ ଦୃଶ୍ୟ' ଭାବରେ ନାମିତ କରାଯାଇପାରେ। 'ଡିପ୍‌ଫେକ୍' ଭିଡିଓ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସିର ଜଟିଳ ସୂତ୍ରାବଳୀ ଆଧାରିତ। ଏଭଳି ସଫ୍ଟୱେର ସହଜରେ ଓ ମାଗଣାରେ ଡେସ୍କଟପ ଓ ସ୍ମାର୍ଟଫୋନ ଆପ ଆକାରରେ ଜାନୁୟାରୀ ୨୦୧୮ରୁ ସର୍ବସାଧାରଣରେ ଉପଲବ୍ଧ। ନଭେମ୍ବର ୨୦୨୨ରେ ଜେନେରେଟିଭ ଆର୍ଟିଫିସିଆଲ ଇଂଟିଲିଜେନ୍ସର ଲୋକାର୍ପଣ ଏହି ଦିଗରେ ପ୍ରଶସ୍ତ କ୍ଷେତ୍ର ସୃଷ୍ଟି କଲା। ଫଳରେ ମାତ୍ର ପାଞ୍ଚ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୩ ଶେଷ ସୁଦ୍ଧା ବିଶ୍ୱବ୍ୟାପୀ 'ଡିପ୍‌ଫେକ୍' ଭିଡିଓ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଲା।

ଫଟୋଗ୍ରାଫି ଓ ସିନେମା କଳାକୌଶଳ ଉଦ୍ଭାବନ ପରେ ପରେ ଅସଲି ଚିତ୍ରରେ ନକଲି ଖଞ୍ଜିବା ଆରମ୍ଭ ହୋଇଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧୋତର ପରିବେଶରେ ଡିଜିଟାଲ ଭିଡିଓ ପ୍ରଚଳନ ପରେ ଏହି କ୍ଷେତ୍ରରେ ବ୍ୟାପକ ଅଗ୍ରଗତି ଘଟିଥିଲା। ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସି ଉପଯୋଗରେ ଏବଂ ପରୀକ୍ଷା ନିରୀକ୍ଷା କରିବା ନିମନ୍ତେ ବୈଷୟିକ କୌଶଳ ସହଜରେ ଉପଲବ୍ଧ ହେବା ପରେ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକରେ ଅବସ୍ଥାପିତ ଗବେଷକମାନେ ଏଥିରେ ସାମିଲ୍ ହୋଇଥିଲେ। ସୋସିଆଲ ମିଡିଆ 'ରେଡିଟ'ରେ ୨୦୧୭ରେ 'ଡିପ୍‌ଫେକ୍' ନାମକ ଏକ ଶୃଙ୍ଖଳ ସୃଷ୍ଟି କରାଯାଇଥିଲା। ଏହି ଅନଲାଇନ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ଗବେଷକମାନେ ମଂଚରେ ନିଜେ ପ୍ରସ୍ତୁତ କରିଥିବା 'ଡିପ୍‌ଫେକ୍' ଭିଡିଓ ଚିତ୍ରଗୁଡ଼ିକ ପ୍ରଦର୍ଶନ କରୁଥିଲେ। ତେବେ ଏହା ଅଧ୍ୟୟନକୈନ୍ଦ୍ରିକ ଥିବା ହେତୁ ଅନ୍ୟମାନଙ୍କ ନଜରକୁ ଆସୁନଥିଲା କିମ୍ବା ଉପାଦାନ ସମ୍ପର୍କରେ ପ୍ରଶ୍ନ ଉଠୁନଥିଲା।

ପ୍ରାଥମିକ ସ୍ତରରେ ମୁଖ୍ୟତଃ 'ଡିପ୍‌ଫେକ୍' ଭିଡିଓଗୁଡ଼ିକରେ ଅନଲାଇନରେ ଉପଲବ୍ଧ ଅର୍ଦ୍ଧନଗ୍ନ ବା ନଗ୍ନ ଶରୀରରେ ଖ୍ୟାତନାମା ଚଳଚ୍ଚିତ୍ର ଅଭିନେତ୍ରୀ ଓ ଅଭିନେତାଙ୍କ ମୁଖମଣ୍ଡଳର ଚିତ୍ର ଯୋଡ଼ାଯାଉଥିଲା। ଦ୍ୱିତୀୟସ୍ତରରେ ଭିଡିଓରେ କଥାବାର୍ତା ପରିବର୍ତନ କରିବା ବା କଣ୍ଠସ୍ୱର ପରିବର୍ତନ କରିବାର ସାମର୍ଥ୍ୟ ହାସଲ ହେଲା। ଫଳରେ ଅସଲି ଭିଡିଓକୁ ନକଲିରେ ପରିବର୍ତିତ କରି ଦର୍ଶକଙ୍କ ପାଇଁ ଉଭୟ ଦୃଶ୍ୟ ଓ ଶ୍ରାବ୍ୟ ପ୍ରମାଣରେ ସତ୍ୟ ପ୍ରତୀୟମାନ ହେଲା। ତେବେ ତୃତୀୟସ୍ତରରେ ଏହି ବୈଷୟିକ କୌଶଳ ଉପଯୋଗରେ ଅପରାଧିକ କାର୍ଯ୍ୟକଳାପ ଆରମ୍ଭ ହୋଇଗଲା। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚିତ୍ର ନକଲ କରି ଯୌନାଚାର ଦୃଶ୍ୟ, ପ୍ରତିହିଂସା ଉଦ୍ଦେଶ୍ୟରେ ଅପରକୁ ନିନ୍ଦିତ କରିବା ଲାଗି ପ୍ରଚେଷ୍ଟା, ଅସତ୍ୟ, ଗୁଜବ ଓ ଅତିରଞ୍ଜିତ ସମ୍ବାଦ ପ୍ରସାର, ଅପବାଦ ଓ ଅର୍ଥନୈତିକ ଅପରାଧ ଲାଗି 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହେଲା। ଚତୁର୍ଥସ୍ତରରେ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ 'ଡିପ୍‌ଫେକ୍' ଭିଡିଓ ଉପଯୋଗ ରାଜନୀତିକସ୍ତରରେ ଚିନ୍ତାର କାରଣ ପାଲଟିଛି।

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନ ୨୦୨୦ରେ 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହୋଇଥିବା ଅଭିଯୋଗ ହୋଇଥିଲା। ପରବର୍ତୀ ପର୍ଯ୍ୟାୟରେ ବ୍ରିଟେନ, ଆର୍ଜେଂଟିନା, ସୋଲଭିକିଆ, ଦକ୍ଷିଣ କୋରିଆ ଆଦି ରାଷ୍ଟ୍ରରେ ଅନୁଷ୍ଠିତ ନିର୍ବାଚନରେ 'ଡିପ୍‌ଫେକ୍'ର ପ୍ରାଦୁର୍ଭାବ ଅନୁଭୂତ ହୋଇଥିଲା। ଭାରତରେ ୨୦୨୩ରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଅମିତାଭ ବଚ୍ଚନ 'କୌନ ବନେଗା କରୋଡ଼ପତି' ମଞ୍ଚରୁ ବିଜେପି ମୁଖ୍ୟମନ୍ତ୍ରୀଙ୍କୁ ମିଛୁଆ ଅଭିହିତ କରି କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ସପକ୍ଷରେ ମନ୍ତବ୍ୟ ରଖିଥିବା 'ଡିପ୍‌ଫେକ୍' ଭିଡିଓକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ବିଜେପି ପକ୍ଷରୁ ନିର୍ବାଚନ କମିଶନ ଓ ପୁଲିସ ନିକଟରେ ଏଥିନେଇ ଅଭିଯୋଗ ଦାୟର ହୋଇଥିଲା। ସେହି ସମୟରେ ବଲିଉଡ୍ ଚଳଚ୍ଚିତ୍ର ଅଭିନେତ୍ରୀ ରଶ୍ମିକା ମନ୍ଦାନା, କ୍ୟାଟ୍ରିନା କୈଫ ଓ କାଜଲଙ୍କୁ ନେଇ ପ୍ରସ୍ତୁତ ନଗ୍ନ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବା ପରେ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ହେଲା।

ବିଶେଷଜ୍ଞମାନେ ଭାରତରେ 'ଡିପ୍‌ଫେକ୍' ଭିଡିଓ ପ୍ରଚଳନ ଦ୍ରୁତଗତିରେ ବୃଦ୍ଧି ପାଇବ ବୋଲି ସତର୍କ କରାଇଦେଇଛନ୍ତି। ଏଥିନେଇ ପ୍ରଦ୍ୟୋଗ ମନ୍ତ୍ରଣାଳୟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦବେଗ ପ୍ରକାଶ କରିଛନ୍ତି। ଦେଶରେ ୨୦୨୩ ଓ ୨୦୨୪ରେ ସାଧାରଣ ନିର୍ବାଚନ ସଙ୍ଗେ ବହୁ ରାଜ୍ୟରେ ବିଧାନସଭା ନିର୍ବାଚନ ପଞ୍ଜିକା ଥିବା ହେତୁ ରାଜନୀତିକସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଛି। 'ଡିପ୍‌ଫେକ୍' କବଳରେ ଭାରତୀୟ ନିର୍ବାଚନ ସମ୍ପର୍କରେ ବିଚାରବିମର୍ଶ କଲାବେଳେ କେତେକ ଦିଗ ଗୁରୁତ୍ୱ ବହନ କରିଥାଏ।

ପ୍ରଥମତଃ, ଭାରତରେ ଇଂଟରନେଟ ବ୍ୟବହାର କରୁଥିବା ଜନସଂଖ୍ୟା ମାର୍ଚ୍ଚ ୨୦୨୩ ସୁଦ୍ଧା ୮୫ କୋଟିରେ ପହଂଚିଥିବା ସରକାରୀ ହିସାବରୁ ଜଣାଯାଏ। ସେମାନଙ୍କ ମଧ୍ୟରୁ ଅର୍ଦ୍ଧେକ ଅନଲାଇନରେ ସମ୍ବାଦ ଆହରଣ କରୁଥିବା 'କାନ୍ତାର-ଗୁଗୁଲ' ପକ୍ଷରୁ ଆକଳନ କରାଯାଇଛି। ରାଜନୈତାଙ୍କ ପ୍ରତି ଜନସାଧାରଣଙ୍କ ଦୃଷ୍ଟିଭଙ୍ଗୀ ପରିବର୍ତନ କରିବାରେ ଅନଲାଇନ ସାଧନର ପ୍ରଭାବ ଅନେକ ରହିଛି। ତେଣୁ ଅନଲାଇନ ସମ୍ବାଦ ବିତରଣରେ 'ଡିପ୍‌ଫେକ୍' ନିର୍ବାଚନ ପ୍ରଚାରକୁ ପ୍ରଭାବିତ କରିବା ଆଶଙ୍କା ଅମୂଳକ ନୁହେଁ।

ଦ୍ୱିତୀୟତଃ, ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ କରିବା ନିମନ୍ତେ ଚରିତ୍ରଗୁଡ଼ିକ ସମ୍ପର୍କରେ ବହୁ ସଂଖ୍ୟାରେ ତଥ୍ୟ ଆବଶ୍ୟକ ପଡୁଥିଲା। କିନ୍ତୁ ବତମାନ ମାତ୍ର ମିନଟ କିମ୍ବା ଦୁଇ ମିନଟର ତଥ୍ୟରେ କ୍ଲୋନିଂ ବା ଅବିକଳ ପ୍ରତିକୃତି ପ୍ରସ୍ତୁତି ସମ୍ଭବ ହୋଇପାରୁଛି। ଏଥିନିମନ୍ତେ ସଫଟୱେର ସହଜରେ ସମସ୍ତଙ୍କୁ ମିଳିପାରୁଛି। ଯେ କେହି ଅଭ୍ୟାସ କରି 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତିରେ ଦକ୍ଷତା ହାସଲ କରିପାରିବ। ଏହି ସବୁ କାରଣରୁ ଭବିଷ୍ୟତରେ ଅଧିକ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ ହେବାର ଆଶଙ୍କା ଅମୂଳକ ନୁହେଁ।

ତୃତୀୟତଃ, ଆମ ଦେଶରେ ଇଂଟରନେଟ ସଂଯୁକ୍ତି ବଢ଼ିଚାଲିଥିବା ଅବସରରେ ଇଂଟରନେଟ ବ୍ୟବହାର ତଥ୍ୟ ମୂଲ୍ୟ ଆନ୍ତର୍ଜାତିକସ୍ତରରେ ପ୍ରାୟତଃ ସର୍ବନିମ୍ନସ୍ତରରେ ରହିଆସିଛି। ଫଳରେ ଭିଡିଓ ଉପଭୋଗ ସୁଗମ ହୋଇପାରିଥିବା ବେଳେ ଅଧିକ ସଂଖ୍ୟାରେ ଡାଉନଲୋଡ ଓ ସେୟାର ମଧ୍ୟ ସମ୍ଭବ ହୋଇପାରୁଛି। ଏହି ପରିବେଶ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବାରେ ସହାୟକ।

ଚତୁର୍ଥତଃ, 'ଡିପ୍‌ଫେକ୍' ଭିଡିଓ ରାଜନୈତିକ କ୍ଷେତ୍ରରେ ବ୍ୟବହାର ଆଲୋଚନା କଲା ବେଳେ ଏହାର ପ୍ରଯୋଜନା ଇତିହାସରେ ଆମୂଳଚୁଳ ପରିବର୍ତନ ଦୃଷ୍ଟିକୁ ଆସିଥାଏ। ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଖର୍ଚ୍ଚବହୁଳ ଥିବା ଏବଂ କେବଳ ଜାତୀୟସ୍ତରରେ ବହୁ ଅର୍ଥ ଠୁଳ କରିପାରିଥିବା ରାଜନୈତିକ ଦଳଗୁଡ଼ିକ ପକ୍ଷେ ପ୍ରସ୍ତୁତି ସମ୍ଭବ ଥିଲା। କିନ୍ତୁ ୨୦୨୩ ସୁଦ୍ଧା ଏହି ବୈଷୟିକ କୌଶଳ ବ୍ୟବହାର ସାର୍ବଜନୀନସ୍ତରରେ ଉପଲବ୍ଧ ଥିବା, ଏପରିକି ଗ୍ରାମପଂଚାୟତସ୍ତରରେ ପ୍ରସ୍ତୁତି ଓ ପ୍ରସାର ସମ୍ଭବ ହୋଇପାରୁଛି। ତେଣୁ ୨୦୨୪ ନିର୍ବାଚନ ପ୍ରଚାରରେ 'ଡିପ୍‌ଫେକ୍' ଭିଡିଓର ପ୍ରଭାବ ଅଧିକ ରହିବ ବୋଲି ଆକଳନ କରାଯାଇଛି।

ପଞ୍ଚମତଃ, ଭାରତରେ ଇଂଟରନେଟ ବ୍ୟବହାରକାରୀଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବାରୁ ଏବଂ ମୁଖ୍ୟତଃ ଭିଡିଓ ଆହରଣ କରୁଥିବାରୁ ବିଭିନ୍ନ ଭାରତୀୟ ଭାଷାଭାଷୀ ଉପଭୋକ୍ତାଙ୍କୁ ଭାଇରାଲ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି କ୍ଷେତ୍ରରେ ସମ୍ଭାଳିବା ସହଜ କଥା ନୁହେଁ। ସୋସିଆଲ ମିଡିଆରେ ପ୍ରସାର ଖୁବ କମ ସମୟରେ କୌଣସି ଭିଡିଓକୁ ଭାଇରାଲ କରିପକାଏ। ଆମ ଦେଶର ଆଇନକାନୁନ ସଶକ୍ତ। କିନ୍ତୁ 'ଡିପ୍‌ଫେକ୍' ଭିଡିଓଟିଏ ଠାବ କରି ତାହା ହଟାଇବା ପାଇଁ ସାମାଜିକ ଗଣମାଧ୍ୟମ ମଂଚକୁ ଜନସାଧାରଣ ଅନୁରୋଧ ବା ସରକାର ନିର୍ଦ୍ଦେଶ ଦେବା ଆଗରୁ ବିଶାଳ ଜନସଂଖ୍ୟାଙ୍କଠାରେ ପହଂଚିସାରିଥିବ। 'ଡିପ୍‌ଫେକ୍' ଭିଡିଓ ସ୍ୱୟଂକ୍ରିୟ ବା ଆପେ ଆପେ ଚିହ୍ନଟ କରାଯାଇପାରିବା ବୈଷୟିକ କୌଶଳ ବାସ୍ତବ କ୍ଷେତ୍ରରେ ଉପଯୋଗ ପ୍ରାୟତଃ ଅସମ୍ଭବ ମନେହୁଏ।

'ଡିପ୍‌ଫେକ୍' ଭିଡିଓ ପ୍ରସାର ଲାଭ କରିବା ବିଗତ ପାଞ୍ଚ ବର୍ଷର ଇତିହାସରୁ ଜଣାଯାଏ ଯେ ଏହି ବୈଷୟିକ କୌଶଳ ବିକାଶ ବର୍ଷକ ମଧ୍ୟରେ ଦ୍ୱିଗଣିତ ହେବାରେ ଲାଗିଛି। ସେହିପରି ଏହାର ବ୍ୟବହାରକାରୀଙ୍କ ସଂଖ୍ୟା ମଧ୍ୟ ବଢୁଛି। ଏତାଦୃଶ ଜଟିଳ ପରିବେଶରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଓ ପ୍ରସାରଣକୁ ରୋକିବା ନିମନ୍ତେ ଆନ୍ତର୍ଜାତିକସ୍ତରରେ ବିଭିନ୍ନ ରାଷ୍ଟ୍ର ଆଇନ ପ୍ରଣୟନ ଦିଗରେ ତତ୍ପର। ୟୁରୋପୀୟ ରାଷ୍ଟ୍ରସଂଘ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୨୩ ଶେଷ ସୁଦ୍ଧା ଏ ଦିଗରେ ପ୍ରାଥମିକ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ଭାରତରେ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ୍ ୨୦୨୧ ଅନୁଯାୟୀ କୌଣସି ଆପତିଜନକ ଉପାଦାନ ଠାବ ହେଲେ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକ ଅଭିଯୋଗ କିମ୍ବା ନିର୍ଦ୍ଦେଶ ପାଇବାର ୩୬ ଘଂଟା ମଧ୍ୟରେ ହଟାଇବା ନିମନ୍ତେ ବାଧ୍ୟ। କିନ୍ତୁ ଏହି ୩୬ ଘଂଟାର ମହଲତ ଆଧୁନିକ ଅନଲାଇନ ପରିବେଶରେ ସୁଦୀର୍ଘ ମନେହୁଏ। ଏହି ସମସ୍ୟାର କିପରି ସମାଧାନ କରାଯାଇପାରିବ ତାହା ଏକ ଅସମାହିତ ପ୍ରଶ୍ନ।

'ଡିପ୍‌ଫେକ୍' ଭିଡିଓ ସାଧାରଣରେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଉପଭୋକ୍ତାଙ୍କ ଭୂମିକା ମୁଖ୍ୟ ସ୍ଥାନ ଅଧିକାର କରିଥାଏ। ଗବେଷଣାରୁ ଜଣାଯାଏ ଯେ ଅଧିକାଂଶ କ୍ଷେତ୍ରରେ ଅନଲାଇନ ଶିଷ୍ଟାଚାର ସମ୍ପର୍କରେ ଅଜ୍ଞତା ଓ କୌତୁହଳ କାରଣରୁ ଭିଡିଓ ସେୟାର ହୋଇଥାଏ। ବିଶେଷଜ୍ଞମାନେ କହିଆସୁଛନ୍ତି ଯେ ଗଣମାଧ୍ୟମ ସାକ୍ଷରତା, ଅର୍ଥାତ ଉପଭୋକ୍ତାଙ୍କୁ ଗଣମାଧ୍ୟମର ପ୍ରଭାବ ତଥା ଉଚିତ ଓ ଅନୁଚିତ ବ୍ୟବହାର ସମ୍ପର୍କରେ ସତର୍କ କରାଗଲେ ସୁଫଳ ମିଳିବ। ବିଶେଷଜ୍ଞଙ୍କ ମତରେ ଅସତ୍ୟ ସମ୍ବାଦ ଗଣତାନ୍ତ୍ରିକ ଶାସନରେ କିପରି କୁପ୍ରଭାବ ପକାଉଛି ସେ ସମ୍ପର୍କରେ ଯେତେ ଅଧିକ ସଂଖ୍ୟକ ସାମାଜିକ ଗଣମାଧ୍ୟମ ଉପଭୋକ୍ତା ଅବଗତ ହେବେ, ସେହି ସଂଖ୍ୟାରେ 'ଡିପ୍‌ଫେକ୍' ଭିଡିଓର ବ୍ୟବହାର ହ୍ରାସ ପାଇବ।

ଆମ ଦେଶରେ ନଭେମ୍ବର ୨୦୨୩ ମଧ୍ୟପ୍ରଦେଶ ଘଟଣା ପରେ ପ୍ରଧାନମନ୍ତ୍ରୀ ଗଣମାଧ୍ୟମ ସାକ୍ଷରତା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଏ ଦିଗରେ ସମୁଚିତ ପଦକ୍ଷେପ ଜରୁରୀ। ଆଂଚଳିକସ୍ତରରେ ଗଣମାଧ୍ୟମ ସାକ୍ଷରତା ପ୍ରସାର ଦିଗରେ ଦେଶର ସାମ୍ବାଦିକତା ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସକ୍ରିୟ ଭୂମିକା ଗ୍ରହଣ କରିପାରିବେ। ଏ ଦିଗରେ ବିଶ୍ୱବିଦ୍ୟାଳୟ ମଞ୍ଜୁରି କମିଶନ ସାମାନ୍ୟ ଅନୁଦାନ ସହ ଏକ ମଡେଲ ସମଗ୍ର ଦେଶରେ କାର୍ଯ୍ୟକାରୀ କରିପାରିବେ। ପରବର୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକୁ ଜାତୀୟ ସେବା ଯୋଜନା(ଏନଏସଏସ) ମାଧ୍ୟମରେ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇପାରିବ ଏବଂ ୨୦୨୪ ନିର୍ବାଚନ ପୂର୍ବରୁ ସାମାଜିକ ଗଣମାଧ୍ୟମ ଶିଷ୍ଟାଚାର ସାଙ୍ଗକୁ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଦେଶର ଅଧିକାଂଶ ଜନସାଧାରଣଙ୍କୁ ସଚେତନ କରାଯାଇପାରିବ।




# ନିର୍ମାଣାଧିନ ଗରାପୁର-ଗଣ୍ଡାକିଆ ରାସ୍ତା ନିମ୍ନମାନର ଅଭିଯୋଗ

### କାର୍ଯ୍ୟାଦେଶ ବାତିଲ ଓ ନୂତନ ଠିକାଦାର ନିଯୁକ୍ତି ଦାବି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ଅଧିନସ୍ଥ ନିର୍ମାଣାଧିନ ଗରାପୁର- ଗଣ୍ଡାକିଆ ରାସ୍ତା ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ଧାର୍ଯ୍ୟ ଗୁଣବତ୍ତା ସାମଗ୍ରୀ ବ୍ୟବହାର ହେଉନଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ ଗରାପୁରସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ଭି.ଆଇ.ପି. ରୋଡ ଠାରୁ କାଳି ମନ୍ଦିର, ସାନ୍ତସାହି ଦେଇ କେନାଲ ରୋଡରେ ଗଣ୍ଡାକିଆ ଯାଇଥିବା ୧୨ କିଲୋମିଟର ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହି ରାସ୍ତା ଦେଇ ଜିଲ୍ଲାର ଅର୍ଦ୍ଧାଧିକ ଲୋକ, ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଡାକ୍ତରଖାନା, କେନ୍ଦ୍ରାପଡା ବ୍ଲକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଅଦାଲତ ପ୍ରଭୃତିକୁ ଯାତାୟତ କରିଥାନ୍ତି। ଏଥିସହିତ କଟକ ଏବଂ ଭୁବନେଶ୍ୱରରୁ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡା ବ୍ଲକ ସମେତ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତର ଅଧିବାସୀମାନେ ବସ, ବାଇକ, କାର ପ୍ରଭୃତିରେ ଯାତାୟତ କରିଥାନ୍ତି। ଏହାବ୍ୟତିତ ଏହି ରାସ୍ତା ଦେଇ ଦୈନିକ ଶହ ଶହ ମାଲ ବୋଝେଇ ଟ୍ରକ ଯାତାୟତ କରିଥାଏ। କିନ୍ତୁ ଅପ୍ରଶସ୍ତ ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁଁ ଦୀର୍ଘବର୍ଷ ହେବ ସେହି ରାସ୍ତାଟି ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ- ୧ ପକ୍ଷରୁ ସେହି ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ୯୭୮. ୮୦ଲକ୍ଷ ଟଙ୍କାର ବ୍ୟୟ ଅଟ୍ଟକଳରେ ମୋଟ ୧୨କିଲୋମିଟର ୪୦୫ମିଟର ରାସ୍ତା ନିର୍ମାଣ ନିମନ୍ତେ ଏବେ ଠିକାଦାରଙ୍କୁ କାର୍ଯ୍ୟନିର୍ବାହ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସଂପୃକ୍ତ ଠିକାଦାର ବିଭାଗର ଅଟ୍ଟକଳ ଅନୁଯାଇ କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ୧ମିଟର ଲେଖାଁଏ ସିମେଣ୍ଟ ବଜୁରୀ(୮ଇଞ୍ଚର) ଲଗାଯିବାକୁ ଥିବା ବେଳେ ତାହା କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ଜିଏସବି ୬ଇଞ୍ଚ ଲାଗିନଥିବା, ଡବ୍ଲୁ.ଏମ.ଏମ. ୪ଇଞ୍ଚ କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ୧୧ହଜାର ୬୯୯ ଟ୍ରିପ ମାଟି ବ୍ୟବହାର କରାଯିବାକୁ ଥିବା ବେଳେ ମୁଠାଏ ବି ମାଟି ବ୍ୟବହାର କରାନଯାଇ ଦୁଇ ପାର୍ଶ୍ୱକୁ କାଟି ଅତି ଦୁର୍ବଳ ଓ ବିପଦ ସଙ୍କୁଳ କରାଯାଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟରେ ପାଣି ବ୍ୟବହାର କରାଯାଉନଥିବା ବେଳେ କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁନଥିବା ଅଭିଯୋଗ ହୋଇଛି। ଏତଦବ୍ୟତିତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଲୋକ ଆପତ୍ତି ଏବଂ ଅଭିଯୋଗ କରିବାରେ କେନ୍ଦ୍ରାପଡା ବ୍ଲକରେ ଥିବା କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର ସେମାନଙ୍କୁ ଧମକ ଚମକ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି କାର୍ଯ୍ୟର ବିଧିବଦ୍ଧ ତଦନ୍ତ କରାଯିବା ସହ ସଂପୃକ୍ତ ଠିକାଦାରଙ୍କ କାର୍ଯ୍ୟାଦେଶ ବାତିଲ କରାଯାଇ ନୂତନ ଠିକାଦାରଙ୍କୁ ନିଯୋଜିତ କରାଯିବାକୁ ୫ଟି ପଞ୍ଚାୟତର ଅଧିବାସୀଙ୍କ ପକ୍ଷରୁ ଫକିର ଚରଣ ଖଟୁଆ, ସନ୍ତୋଷ କୁମାର ବେହେରା, ଉତ୍ତମ ସ୍ୱାଇଁ, ଅଞ୍ଜନ କୁମାର ମହାପାତ୍ର, ନିରଞ୍ଜନ ପରିଡା,ରଶ୍ମିରଞ୍ଜନ ଚୌଧୁରୀ, ଦିପ୍ତିରଞ୍ଜନ ମହାନ୍ତି, ପ୍ରକାଶ ଚନ୍ଦ୍ର ଲେଙ୍କା, ମହେନ୍ଦ୍ର ପରିଡା, ସୁନାକର ରାଉତ, ଉମାକାନ୍ତ ପରିଡା, ଲଲାଟେନ୍ଦୁ ଖଟୁଆ, ସୁଶାନ୍ତ କୁମାର ଦାସ, ବିଜୟ ପ୍ରଧାନ, ପ୍ରଭାକର ଲେଙ୍କା, ମୁରଲୀଧର ରାଉତ ପ୍ରମୁଖ ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

## ପଥର ଖାଦାନ ରେ ବୁଡି ଶିଶୁର ମୃତ୍ୟୁ

ଭୁବନେଶ୍ୱର, (ପି.ଏନ): ବାଲେଶ୍ୱର ଜିଲ୍ଲାରେ ଏକ ପରିତ୍ୟକ୍ତ ପଥର ଖାଦାନ ରେ ବୁଡି ଶିଶୁ ମୃତ୍ୟୁ ଘଟିଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ପ୍ରବଳ ଉତେଜନା ପ୍ରକାଶ ପାଇଛି ।

ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ଧୋବଶିଳା ପଂଚାୟତ ଚଲଣାପାଳ ଗାଁରେ ଏହି ଅଘଟଣ ଘଟିଛି । ଗାଁ ନିକଟରେ ସ୍ୱର୍ଣ୍ଣଚୁଡ଼ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ପରିତ୍ୟକ୍ତ ପଥର ଖାଦାନରେ ଜମିଥିବା ପାଣିରେ ବୁଡି ଅଢେଇ ବର୍ଷର ଶିଶୁ ମୃତ ବରଣ କରିଛି। ମୃତକ ହେଲେ ତପନ ସିଂର ଅଢେଇ ବର୍ଷର ଅମିତ। ଗାଁ ରାସ୍ତାଟି ଖାଦାନକୁ ଲାଗିଥିବା ବେଳେ ଶିଶୁଟି ଖେଳୁଥିବା ବେଳେ ଅସାବଧାନତା କାରଣରୁ ଖାଦାନରେ ଖସି ପଡ଼ିଥିଲା।ଫଳରେ ତାଙ୍କୁ ଖୋଜାଖୋଜି କରିବା ପରେ ଖାଦାନରୁ ଉଦ୍ଧାର କରାଯିବା ବେଳକୁ ତାର ପ୍ରାଣବାୟୁ ଉଡି ଯାଇଥିଲା।ଶିଶୁଟିର ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ଖାଦାନ କରିବା ପରେ ଖାଲ ପୋତିବା ନିୟମ ଥିବାରୁ ଖାଦାନ ଲିଜଧାରୀ ଖାଦାନ ପରେ ଛାଡ଼ିଦେଇ ଯାଇଥିବାରୁ ବର୍ଷା ପାଣି ଜମି ଏବେ ମରଣ ଯନ୍ତା ପାଲଟିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପୂର୍ବରୁ ମଧ୍ୟ ଏହି ଖାଦାନରେ ଜୀବନ ଯାଇଥିବା ସୂଚନା ମିଳିଛି। ତୁରନ୍ତ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଖାଦାନ ପୋତିବାର ବ୍ୟବସ୍ଥା କରିବାକୁ ଦାବୀ ହୋଇଛି।

# ବିଶ୍ୱହିନ୍ଦୁ ପରିଷଦ, ବିଜେପି ଓ ବିଜେଡ଼ିର ଜାତିବାଦ ରାଜନୀତି ଦେଶ ଗଠନରେ ବାଧକ ସୃଷ୍ଟି କରୁଛି

ଭୁବନେଶ୍ୱର (ପିଏନ୍)-ଗତ ତାରିଖ ସୋମବାର ଦିନ ଓଡ଼ିଶା ପ୍ରଦେଶ କଂଗ୍ରେସର ୧୦୦ବର୍ଷ ପୂର୍ତି ଅସବରରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟିର ତରଫରୁ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ କଂଗ୍ରେସ ଦଳର ଜାତୀୟନେତା ଯଥା ଡଃ. କହ୍ନେୟା କୁମାର, ଗୁଜୁରାଟର ମାନ୍ୟବର ବିଧାୟକ ତଥା ଦଳିତ ନେତା ଶ୍ରୀ ଜିଗ୍‌ନେଶ ମେୱାନୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିହାର ପ୍ରଦେଶ କଂଗ୍ରେସର ପ୍ରଭାରୀ ଶ୍ରୀ ଭକ୍ତଚରଣ ଦାସ ଓ ଛତିଶଗଡ଼ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ଲକ୍ଷ୍ମୀ କାୱାସୀ ପ୍ରମୁଖ ଯୋଗଦାନ ଦେଇ ଜନସାଧାରଣ ଓ ଯୁବକମାନଙ୍କୁ ଏକତ୍ର ହୋଇ ନିଜକୁ ରାଷ୍ଟ୍ରୀୟ ଏକତ୍ରିକରଣ ସ୍ରୋତରେ ସାମିଲ ହେବା ପାଇଁ ବକ୍ତବ୍ୟ ପ୍ରଦାନ ସହ ହଜାର ହଜାର ସଂଖ୍ୟାରେ ଦଳିତ ଆଦିବାସୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ସମାବେଶର ସଫଳତାରେ ଈର୍ଷାପରାୟଣ ହୋଇ କିଛି ତଥାକଥିତ ଅସାମାଜିକ ଯୁବକ ଯଥା ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଦଳିତ ନେତା ଜିଗ୍‌ନେଶ ମେୱାନୀ, ଶ୍ରୀ କହ୍ନେୟା କୁମାର, ଶ୍ରୀ ଲକ୍ଷ୍ମୀ କାୱାସୀ ଓ ଭକ୍ତଚରଣ ଦାସଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ ଦେବା ସହ ଜାତିଆଣ ମନୋଭାବ ରଖି ସଭାସ୍ଥଳକୁ ପବିତ୍ର ଗଙ୍ଗାଜଳ ସିଂଚନ କରୁଥିବା ଭିଡ଼ିଓ ଭାଇରାଲ କରିଛନ୍ତି। ଯାହା ସଂପୂର୍ଣ୍ଣ ଭାବରେ ଦଳିତ ଆଦିବାସୀ ସମାଜର ସମ୍ମାନ ହାନି ହେବା ସହ ତାଙ୍କୁ ଶକ୍ତ ଆଘାତ ଦେଇଛି। ଯାହାଫଳରେ ସେମାନେ ମାନସିକ ଚାପରେ ରହିଛନ୍ତି। ନବରଙ୍ଗପୁର ଜିଲ୍ଲାରେ ଥିବା ଦଳିତ ଆଦିବାସୀମାନଙ୍କ ଭିତରେ ଏହା ତିବ୍ର ଉତେଜନା ସୃଷ୍ଟି କରିଛି। ନବରଙ୍ଗପୁର ଜିଲ୍ଲା ଏକ ଦଳିତ ଆଦିବାସୀ ବହୁଳ ଜିଲ୍ଲା। ଏହି ଜିଲ୍ଲାରେ ପ୍ରାୟ ୧୨% ପ୍ରତିଶତରୁ ଉର୍ଦ୍ଧ ଦଳିତ ଆଦିବାସୀ ବସବାସ କରନ୍ତି। ସ୍ୱର୍ଗତଃ ଜଗନ୍ନାଥ ତ୍ରିପାଠୀଙ୍କ ପୂର୍ବରୁ ଏହିଠାରେ ମିରୁ ହରିଜନ ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ। ପୋଟାକୋଟା ଗ୍ରାମର ଅର୍ଜୁନ ହରିଜନ କୁଇଟ୍ ଇଣ୍ଡିଆ ମୁଭମେଂଟ୍‌ରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଗିରଫ ହୋଇ ୧୯୪୨ ମସିହାରେ ବ୍ରହ୍ମପୁର ସ୍ଥିତ ଜେଲରେ ନଖାଇ ନପିଇ ମୃତ୍ୟୁବରଣ କରି ଦେଶ ପାଇଁ ବଳିଦାନ ଦେଇଥିଲେ। ନବରଙ୍ଗପୁର ଜିଲ୍ଲାର ମାଟିର ସଂାନ ମାନେ ଦେଶ ସ୍ୱାଧୀନତାରେ ନିଜକୁ ସମର୍ପଣ କରି ସହୀଦ ଲକ୍ଷ୍ମଣ ନାଏକଙ୍କ ସମେତ ଅନେକ ଦଳିତ ଆଦିବାସୀ ନେତା ଦେଶସ୍ୱାଧୀନତାରେ ନିଜକୁ ବଳିଦାନ ଦେଇଛନ୍ତି। ତେଣୁ ଏହି ପବିତ୍ର ମାଟିରେ ବସବାସ କରୁଥିବା ଜନସାଧାରଣ ତଥା ସମଗ୍ର ରାଜ୍ୟର ଦଳିତ ଆଦିବାସୀମାନଙ୍କର ସମ୍ମାନକୁ କ୍ଷୁର୍ଣ୍ଣ କରିବାର ଭଳି ଯେଉଁ ଘୃଣ୍ୟ କାର୍ଯ୍ୟ ଦୋଷୀମାନେ କରିଛନ୍ତି ତାହା ନିନ୍ଦନୀୟ ଓ ଜଘନ୍ୟ ଅପରାଧ। ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁ ଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଗଙ୍ଗାଜଳ ସିଂଚନ କରି ନିର୍ଦ୍ଦିଷ୍ଟ ଜାତିର ଭାବଧାରାକୁ ଆକ୍ଷେପ କରି ମନ୍ତବ୍ୟ ଦେବା ଜଘନ୍ୟ ଅପରାଧ। ଏ ସଂପର୍କରେ ତା.୨୯.୧୨.୨୦୨୧ରିଖରେ ନବରଙ୍ଗପୁର ଜିଲ୍ଲା ଆଇ.ଆଇ.ସି.ଙ୍କ ନିକଟରେ ଏକ ଏଫ୍.ଆଇ.ଆର. ଦରଜ କରାଯାଇଅଛି। ପ୍ରକାଶ ଥାଉକି, ଉକ୍ତ ତିନିଜଣ ବ୍ୟକ୍ତି ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ସମର୍ଥକ ଅଟନ୍ତି। ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ଇଙ୍ଗିତରେ ସେମାନେ ଏହି ଘୃଣ୍ୟ କାମ କରିଛନ୍ତି ଯାହା ଦେଶରେ ଜାତି ଓ ଧର୍ମ ନାମରେ ଦେଶକୁ ଭାଗ ଭାଗ କରିବା ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯିବ। ଭାରତୀୟ ସମ୍ବିଧାନ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇଅଛି। ଏକ ସ୍ପର୍ଶକାତରତା ଘଟଣା ବିଷୟରେ ଏ ପର୍ଯ୍ୟ ସେଠାକାର ଏସ୍.ପି. ଓ ଜିଲ୍ଲା ପ୍ରଶାସନ କାହିଁକି ନିଜଆଡ୍ରୁ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଏଫ୍.ଆଇ.ଆର. ଦାୟର କରିନାହାଁନ୍ତି। ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ପ୍ରଶାସନ ଏକ ସ୍ଥାଣୁ ପାଲଟି ଯାଇଛି ପରୋକ୍ଷରେ ସରକାର ଅପରାଧୀମାନଙ୍କୁ ଘଂଟଘୋଡାଇବାରେ ସାହାର୍ଯ୍ୟ କରୁଛନ୍ତି। ଏ ପର୍ଯ୍ୟ କଳାହାଣ୍ଡି ଜିଲ୍ଲାର ମମିତା ମେହେର ହତ୍ୟାଘଟଣାରେ ନ୍ୟାୟ ଦେଇ ପାରୁନାହାଁନ୍ତି। ସେହି ଜିଲ୍ଲାରେ ଜାତିବାଦ ରାଜନୀତି ଏକ ସ୍ପର୍ଶକାତରତା ଘଟଣା ଏବଂ ଅସାମ୍ବିଧାନିକ ହୋଇଥିଲେ ମଧ୍ୟ ସରକାର ସେଥିପ୍ରତି ଧ୍ୟାନ ଦେଉନାହାଁନ୍ତି। ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଆ ବସବାସ କରୁଥିବାବେଳେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସମସ୍ତେ ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ କୌଣସି ପକ୍ଷପାତ ନଥିବାବେଳେ ନବୀନ ପଟ୍ଟନାୟକ ସରକାର ଉକ୍ତ ଘଟଣାକୁ ଅଣଦେଖା କରିବା ନିନ୍ଦନୀୟ ଅଟେ। ପରୋକ୍ଷରେ ନବୀନ ପଟ୍ଟନାୟକ ସରକାର ସମ୍ବିଧାନ ବିରୋଧି କାର୍ଯ୍ୟ କରିଥିବା ମନେ ହୁଏ। ଏଥି ପାଇଁ ସାଧାରଣରେ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ ଏଣୁ ସାମ୍ବିଧାନିକ ନିୟମକୁ ଭଙ୍ଗ କରି ଅସମ୍ମାନ କରି ମନୁବାଦକୁ ଆପଣାଇଥିବା ଦଳ ବିଜେପି ଓ ବିଜେଡ଼ି ସମଦାୟୀ। ଏଣୁ ତୁରନ୍ତ ଦଳିତ ନିର୍ଯ୍ୟାତନା ଆଇନ ଅନୁସାରେ ଦୋଷିଙ୍କୁ ଗିରଫ କରିବା ପାଇଁ ଏବଂ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ବିଧାନକୁ ସମ୍ମାନ ଦେବା ପାଇଁ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବି କରାଯାଉଛି। ଯଦି ଦୋଷୀମାନଙ୍କ ପ୍ରତି ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ କଂଗ୍ରେସ ଅନୁସୂଚିତ ଜାତିବିଭାଗ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରା ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ସଂନ୍ତୋଷି ସିଂ ସାଲୁଜା, ପିସିସି ମୁଖପାତ୍ର ଅମିୟ ପାଣ୍ଡବ, ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଓ ଖୋର୍ଦ୍ଧା ଜିଲ୍ଲା ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଜୟନ୍ତ ଭୋଇ ଉପସ୍ଥିତ ଥିଲେ।

## ଭୁବନ ହାଇସ୍କୁଲ ପ୍ଲାଟିନମ୍ ଜୁବଲି ମହୋତ୍ସବ

ଭୁବନ, (ପି.ଏନ): ଢେଙ୍କାନାଳ ଜିଲ୍ଲାର ପୁରାତନ ବିଦ୍ୟାଳୟ ଭୁବନ ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ ଜୁବୁଲି ( ହୀରକ ଜୟନ୍ତୀ ) ପାଳନ ନିମନ୍ତେ ଚୁଡାନ୍ତ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର କୃଷ୍ଣ ଚନ୍ଦ୍ର ଆଇଚଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଶିକ୍ଷକ ଗଣେଶ୍ୱର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଶତାଧିକ ପୁରାତନ ଛାତ୍ର ଉପସ୍ଥିତ ରହି ନିଜ ନିଜର ପ୍ରସ୍ତାବ ଏବଂ ମତ ରଖିଥିଲେ। ପ୍ଲାଟିନମ୍ ଜୁବଲି ମହୋତ୍ସବ ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା । ପଞ୍ଜାବ ନେସନାଲ ବ୍ୟାଙ୍କ (ପି ଏନ୍ ବି) ନୂଆଦିଲ୍ଲୀର ଅବସରପ୍ରାପ୍ତ (ସିଜିଏମ) ପୁରାତନ ଛାତ୍ର ଧନେଶ୍ୱର ସାହୁ ଙ୍କୁ ସର୍ବ ସମ୍ମତ କ୍ରମେ ସଭାପତି ଭାବେ ଚୟନ କରାଯାଇଥିଲା। ନିଶାକର ସାହୁ ସମ୍ପାଦକ, ଦୁର୍ଯ୍ୟୋଧନ ସାହୁ ଉପସଭାପତି, ଅବସରପ୍ରାପ୍ତ ଜିଏମ,ଏସ ବିଆଇ ଗଦାଧର ଦାସ କୋଷାଧ୍ୟକ୍ଷ ଏବଂ କୃଷ୍ଣ ଚନ୍ଦ୍ର ଆଇଚଙ୍କୁ ଆବାହକ ଭାବେ ଚୟନ କରାଯାଇଥିଲା। ମହୋତ୍ସବ ଦୁଇ ଦିନ ଧରି ହେବ। ଚଳିତ ବର୍ଷ ଡିସେମ୍ବର ୯ ଏବଂ ୧୦ ତାରିଖ ରେ ମହୋତ୍ସବ ପାଳନ କରାଯିବାକୁ ସର୍ବ ସମ୍ମତ କ୍ରମେ ନିଷ୍ପତି ହୋଇଥିଲା । ଚୂଡାନ୍ତ ପ୍ରସ୍ତୁତି ବୈଠକରେ ପୁରାତନ ଛାତ୍ର ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଧନେଶ୍ୱର ସାହୁ, ନବକିଶୋର ଗୁରୁ, କୈଳାଶ ଗୁରୁ, ବେଣୁଧର ପୃଷ୍ଟି, ଦିଲ୍ଲୀପ କୁମାର ଦାସ, ନରହରି ସାହୁ, ବ୍ରହ୍ମାନନ୍ଦ ସାହୁ, ସୁବ୍ରତ କୁମାର ସାହୁ, ପ୍ରଭାସ ସେନାପତି, ବିନୋଦ ମହାରଣା, ଦୀପକ ବେହେରା, ଅମ୍ବୁଜ ସାହୁ,ନିରଞ୍ଜନ ଗୁରୁ, ରାମ ଚନ୍ଦ୍ର ରାଉତ, ସନାତନ ଗୁରୁ, ଗଣେଶ୍ୱର ଦାସ, ହୃଷୀକେଶ ସାହୁ, ଅଜୟ କୁମାର ପଣ୍ଡା, ସୁବାସ ଚନ୍ଦ୍ର ମେହେଣା, ପ୍ରେମାନନ୍ଦ ପାଣିଗ୍ରାହୀ, ଡଃ. ସୁବାଷ ନାୟକ, ଭଗ୍ୱାନ ଗୁରୁ, ଦିଲ୍ଲୀପ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ' ସ୍ମରଣିକା ' ପାଇଁ ପୁରାତନ ଛାତ୍ର ମାନେ ନଭେମ୍ବର ମାସ ୫ ତାରିଖ ସୁଦ୍ଧା ସେମାନଙ୍କ ଲେଖା ଅଧ୍ୟାପକ କୈଳାସ ଚନ୍ଦ୍ର ଗୁରୁଙ୍କୁ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମ ର ସଫଳତା ପାଇଁ ପୁରାତନ ଛାତ୍ର ମାନେ ଉଭୟ ଅନଲାଇନ୍ ଓ ଅଫଲାଇନ୍ ରେ ୧ ହଜାର ଟଙ୍କା ପ୍ରଦାନ କରି ନାମ ପଞ୍ଜିକରଣ କରିବାକୁ ନିବେଦନ କରାଯାଇଥିଲା । ଏହା ବ୍ୟତୀତ ପୁରାତନ ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଜ ସାମର୍ଥ୍ୟ ଅନୁଯାୟୀ ଆର୍ଥିକ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଥିଲା ।

## ହିଙ୍ଗୁଳା ମନ୍ଦିରରେ ନବରାତ୍ର ପୂଜା ଅନୁଷ୍ଠିତ

ଭୁବନ, (ପି.ଏନ): ଭୁବନ ର ପ୍ରସିଦ୍ଧ ଶକ୍ତି ପୀଠ ମା ହିଙ୍ଗୁଳାଙ୍କ ମନ୍ଦିରରେ ମା ହିଙ୍ଗୁଳା, ମା ଶାରଳାଙ୍କ ନବରାତ୍ର ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୫ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଦୈନିକ ନିତିକାନ୍ତି ହୋଇ ପୂଜା ଅନୁଷ୍ଠିତ ହୋଇଥିଲା। ମାତା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଂଟା, କୁଷ୍ମଣ୍ଡା, ସ୍କନ୍ଦମାତା, କାତ୍ୟାୟିନୀ, କାଳରାତ୍ରୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ମା ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ ।ପରିଚାଳନା କମିଟି ତରଫରୁ ସଭାପତି ଶଶି ଭୂଷଣ ପୃଷ୍ଟି କର୍ତା ସାଜିଥିଲା ବେଳେ ଦିଲ୍ଲୀପ ଦାସ, ଅମ୍ବୁଜ ସାହୁ, ନିରଞ୍ଜନ ଗୁରୁ, ସତ୍ୟାନନ୍ଦ ପୃଷ୍ଟି, ଖଗେଶ୍ୱର ନାୟକ, ଧନେଶ୍ୱର ସାହୁ, ଦେବେନ୍ଦ୍ର ପୃଷ୍ଟି ଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।

## ବିଧାୟକଙ୍କଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ



ଫୁଲନଖରା (ପିଏନ୍)-ନିଆଳି ବିଧାୟକ ଡାକ୍ତର ପ୍ରଫେସର ପ୍ରମୋଦକୁମାର ମଲିକଙ୍କଦ୍ୱାରା ନବନିର୍ମିତ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବାରଙ୍ଗ ବ୍ଲକ ଅଧ୍ୟକ୍ଷ ସରୋଜକୁମାର ସାହୁ, ବ୍ଲକ ବିଜେଡ଼ି ସଭାପତି ଗୋଲେଖ ପାତ୍ର, ଜିଲାପରିଷଦ ସଭ୍ୟା ପୁଷ୍ପଲତା ପାତ୍ର, ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଭାଷଚନ୍ଦ୍ର ଗୋଚ୍ଛାୟତ, ଫାର୍ମାସିଷ୍ଟ ଭରତଚନ୍ଦ୍ର ମଲିକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସନାତନ ବେହେରା, ଡାକ୍ତର ରେଖା ଭଗତ ପ୍ରମୁଖ ଯୋଗଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା କେନାଲ ପୋଲଟି ଅତି ବିପଦସଂକୁଳ ଅବସ୍ଥାରେ ଥିବାରୁ ଏହାର ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକଙ୍କ ନିକଟରେ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରୋଗୀ କଲ୍ୟାଣ ସମିତି ସଭ୍ୟ ଘନଶ୍ୟାମ ପାତ୍ର, ଲଳିତକୁମାର ଦାଶ, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ଗଗନବିହାରୀ ଜେନା, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏହି ବ୍ୟସ୍ତବହୁଳ ସ୍ୱାସ୍ଥ୍ୟକେନ୍ଦ୍ରଟି ୬୦ ବର୍ଷର ପୁରୁଣା ଘରେ ନାନା ସମସ୍ୟା ମଧ୍ୟ ଦେଇ ଚାଲିଥିଲା ଏବଂ ଜନସାଧାରଣ ବହୁବାର ଦାବି ଓ ଆନ୍ଦୋଳନ କରିବା ପରେ ୫୬ ଲକ୍ଷ ଟଙ୍କା ବ୍ୟୟରେ ଏହି ନୂତନ ବିଲଡ଼ିଙ୍ଗ ନିର୍ମାଣ ହୋଇଛି।

## ମୁକ୍ତେଶ୍ୱର ଓ ଅନନ୍ତ ଗୋପାଳ ପୀଠରେ ଗୀତା ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୂଆଗାଁ ମୁକ୍ତେଶ୍ୱର ମନ୍ଦିର ପରିସରରେ ସରୋଜିନୀ ସ୍ୱାଇଁ ସ୍ମୃତି ସଂସଦ ପକ୍ଷରୁ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁଙ୍କ ତତ୍ୱାବଧାନରେ ଆୟୋଜିତ ଗୀତା ଜୟନ୍ତୀ ଉତ୍ସବରେ ଗୀତା ପାଠ ସହିତ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ଗୋଲକ ଚନ୍ଦ୍ର ପଲେଇ, ଇଶ୍ୱର ଚନ୍ଦ୍ର ପ୍ରଧାନ, କୃଷ୍ଣ ଚନ୍ଦ୍ର ବେହେରା, ପରମାନନ୍ଦ



ପାତ୍ର ଓ ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଗୀତା ପାଠ କରିଥିଲେ । ଗୀତା ଏକ ଶ୍ରେଷ୍ଠ ଗ୍ରନ୍ଥ ହୋଇଥିବାରୁ ଏହା ମାନବ ଜୀବନ ପାଇଁ ଦୈନିକ ପଠନ ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ସ୍ଥାନୀୟ ଅଂଚଳର ବହୁ ଲୋକ ଯୋଗଦେଇ ଗୀତାପାଠର ଉପକାରିତା ସମ୍ପର୍କରେ ଅବଗତ ହୋଇଥିଲେ । ସେହିପରି ଅରାବଳ ପଂଚାୟତରେ ଶ୍ରୀ ଅନନ୍ତ ଗୋପାଳ ଗୀତା ଭାଗବତ ଅନୁଷ୍ଠାନ ଆନୁକୂଲ୍ୟରେ ୨୫ତମ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରତିବର୍ଷ ପରି ଗୀତା ଜୟନ୍ତୀ ଅବସରରେ ଗୀତା ପାଠ କରାଯିବା ସହିତ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ପ୍ରବଚନ କାର୍ଯ୍ୟକ୍ରମ ସହିତ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥାଏ । ଶେଷ ଦିବସରେ ପୂର୍ଣ୍ଣାହୂତି କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥାଏ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

# ମୋ ସହର

## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତ୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

## ବାଂଶପାଣି ରେଳସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣାରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଘାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ତ ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଯାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଯାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

## ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

## ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରଡାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ଡାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।


## ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଂଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

## ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।



୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ



# ଅକ୍ଷୟ ତୃତୀୟା ପାଇଁ ଫୋନପେର ସୁନିଶ୍ଚିତ କ୍ୟାଶବ୍ୟାକ ଅଫର

ଭୁବନେଶ୍ୱର,(ପି.ଏନ): ଅକ୍ଷୟ ତୃତୀୟା ଅବସରରେ ୨୪ କ୍ୟାରେଟ ଡିଜିଟାଲ ଗୋଲ୍ଡ କିଣା ଉପରେ ଆକର୍ଷଣୀୟ କ୍ୟାଶବ୍ୟାକ ଅଫର ପ୍ରଦାନ କରିବାକୁ ଘୋଷଣା କରିଛି ଫୋନପେ।ଫୋନପେ ପ୍ଲାଟଫର୍ମରେ ସର୍ବନିମ୍ନ ୨୦୦୦ ଟଙ୍କାର ଡିଜିଟାଲ ଗୋଲ୍ଡ କିଣି ୟୁଜରମାନେ ଫ୍ଲାଟ ୧% କ୍ୟାଶବ୍ୟାକ (୨୦୦୦ ଟଙ୍କା ପର୍ଯ୍ୟନ୍ତ) ପାଇପାରିବେ। ଏହି ଅଫର କେବଳ ଏପ୍ରିଲ ୩୦ ତାରିଖର ଏକକାଳୀନ କାରବାର ପାଇଁ ପ୍ରଯୁଜ୍ୟ (ପ୍ରତି ୟୁଜରଙ୍କ ପାଇଁ ମାତ୍ର ଗୋଟିଏ ଥର ବୈଧ) ଅଟେ। ୟୁଜରମାନେ ପେମେଂଟ କରିବାକୁ ୟୁପିଆଇ, ୟୁପିଆଇ ଲାଇଟ, କ୍ରେଡିଟ ଓ ଡେବିଟ କାର୍ଡ, ୱାଲେଟ ଏବଂ ଗିଫ୍ଟ କାର୍ଡ ପରି ବିଭିନ୍ନ ପ୍ରକାରର ପେମେଂଟ ମାଧ୍ୟମ ବାଛି ପାରିବେ। ଉତ୍ସବର ଆନନ୍ଦକୁ ବହୁଗୁଣିତ କରିବା ପାଇଁ କ୍ୟାରେଟ୍ଲେନ ଷ୍ଟୋର ଏବଂ ୱେବସାଇଟରେଡିଜିଟାଲ ଗୋଲ୍ଡ ବଦଳାଇବା ପାଇଁ ଫୋନପେ ଏକ ସ୍ୱତନ୍ତ୍ର ଅଫର ଘୋଷଣା କରିଛି ଯେଉଁଥିରେ ସୁନା ମୁଦ୍ରା ଉପରେ ଅଧିକ ୨% ରିହାତି, ଅନ୍ୟାନ୍ୟ ଧାତୁ ଆବୃତ ହୋଇନଥିବା ଅଳଙ୍କାର ଉପରେ ଅଧିକ ୩% ରିହାତି, ଅନ୍ୟାନ୍ୟ ଧାତୁ ଆବୃତ ଅଳଙ୍କାର ଉପରେ ଅଧିକ ୫% ରିହାତି ସାମିଲ ରହିଛି। ଫୋନପେ ପ୍ଲାଟଫର୍ମରେ ୟୁଜରମାନେ ଏମଏମଟିସି-ପିଏଏମପି, ସେଫ ଗୋଲ୍ଡ ଏବଂ କ୍ୟାରେଟ୍ଲେନ ପରି ଡିଜିଟାଲ ଗୋଲ୍ଡ ବ୍ୟବସାୟ କ୍ଷେତ୍ରରେ ଅଗ୍ରଣୀ ତଥା ଭରସାଯୋଗ୍ୟ କମ୍ପାନୀମାନଙ୍କଠାରୁ ୯୯.୯୯% ଶୁଦ୍ଧତା- ପ୍ରମାଣିତ ୨୪ କ୍ୟାରେଟ ଡିଜିଟାଲ ଗୋଲ୍ଡ କିଣିପାରିବେ। ସାରା ଭାରତର ୧.୨ କୋଟିରୁ ଅଧିକ ଗ୍ରାହକ ଫୋନପେ ପ୍ଲାଟଫର୍ମରେ ସର୍ବୋଚ୍ଚ ଶୁଦ୍ଧତା ବିଶିଷ୍ଟ ୨୪ କ୍ୟାରେଟ ସୁନା କିଣିଛନ୍ତି। ଏକକାଳୀନ କ୍ରୟ ବ୍ୟତୀତ ଦୈନିକ କିମ୍ବା ମାସିକ ଏସଆଇପି ଜରିଆରେ ଡିଜିଟାଲ ପଦ୍ଧତିରେ ସୁନାରେ ପୁଞ୍ଜି ବିନିଯୋଗ କରିବା ପାଇଁ ୟୁଜରମାନଙ୍କୁ ଫୋନପେ ସୁଯୋଗପ୍ରଦାନ କରୁଛି ଏବଂ ଗ୍ରାହକମାନଙ୍କୁ ଦୀର୍ଘକାଳୀନ ଓ ବ୍ୟବସ୍ଥିତ ଭାବରେ ବିନିଯୋଗ କରିବାରେ ସାହାଯ୍ୟ କରୁଛି। ଗ୍ରାହକମାନେ ମଧ୍ୟ ଯେକୌଣସି ପରିମାଣର ରାଶି (ସର୍ବନିମ୍ନ ୫ ଟଙ୍କାରୁ ଆରମ୍ଭ କରି) ବିନିଯୋଗ କରିପାରିବାର ସୁଯୋଗ ପାଇବେ ଏବଂ ସୁନାର ବିକ୍ରିଲବ୍ଧ ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଂଟରେ ଜମା ହେବାର ସୁବିଧା ସହିତ ସେମାନଙ୍କର ଜମା ହୋଇଥିବା ସୁନାକୁ ଯେକୌଣସି ସମୟରେ ବିକ୍ରୟ କରିପାରିବେ। ଅଫରଟି ୩୦ ଏପ୍ରିଲ ୨୦୨୫ ମଧ୍ୟରାତି ୦୦:୦୦ଟାଠାରୁ ୩୦ ଏପ୍ରିଲ ୨୦୨୫ ରାତି ୧୧:୫୯ଟା ପର୍ଯ୍ୟନ୍ତ କେବଳ ଏକକାଳୀନ କାରବାର ପାଇଁ ବୈଧ ଅଟେ। ଏସଆଇପି କାରବାର ପାଇଁ ବୈଧ ନୁହେଁ। ପ୍ରତି ୟୁଜରଙ୍କ ପାଇଁ ମାତ୍ର ଗୋଟିଏ ଥର ବୈଧ। ଏହି ସ୍ୱତନ୍ତ୍ର କ୍ୟାଶବ୍ୟାକ ଅଫରର ସୁଯୋଗ ନେବା ପାଇଁ ଆପଣଙ୍କ ଫୋନପେ ଆପର ହୋମପେଜରେ 'ସେଭିଂସ' ଉପରେ କ୍ଲିକ କରନ୍ତୁ, 'ଡିଜିଟାଲ ଗୋଲ୍ଡ କିଣନ୍ତୁ' ଉପରେ କ୍ଲିକ କରନ୍ତୁ, "ଏକକାଳୀନ କିଣନ୍ତୁ" ଉପରେ କ୍ଲିକ କରି ଆଗକୁ ବଢ଼ନ୍ତୁ । "ଟଙ୍କା ହିସାବରେ କିଣନ୍ତୁ" ସିଲେକ୍ଟ କରି ଆଗକୁ ବଢ଼ନ୍ତୁ ଏବଂ ସର୍ବନିମ୍ନ ୨୦୦୦ ଟଙ୍କାର ୨୪ କ୍ୟାରେଟ ସୁନା ଯୋଡ଼ନ୍ତୁ। ଆପଣଙ୍କ ସୁନା କିଣା ସମ୍ବନ୍ଧୀୟ ସବିଶେଷ ବିବରଣୀ ଚେକ କରନ୍ତୁ ଏବଂ 'ପେମେଂଟ କରିବାକୁ ଆଗକୁ ବଢ଼ନ୍ତୁ' ଉପରେ କ୍ଲିକ କରି ଅଫରର ସୁଯୋଗ ନିଅନ୍ତୁ।

# ମେ ୨ ରୁ ପାରାଦୀପରେ ଆରମ୍ଭ ହେବ ଜାତୀୟ ଟେନିସ ଭଲିବଲ ଚ୍ୟାମ୍ପିୟନସିପ




ପାରାଦୀପ, (ପି.ଏନ): ଓଡିଶା ଟେନିସ ଭଲିବଲ ଆସୋସିଏସନ ଓ ପାରାଦୀପ ବନ୍ଦର ପ୍ରାଧିକରଣ ମିଳିତ ସହଯୋଗରେ ଆସନ୍ତା ମେ ମାସ ୨ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ପାରାଦୀପ ବନ୍ଦର ର ଗୋପବନ୍ଧୁ ଷ୍ଟାଡିଅମ ଠାରେ ଜାତୀୟ ମିନି ଓ ୟୁଥ ଟେନିସ ଭଲିବଲ ଚ୍ୟାମ୍ପିୟନସିପ ଅନୁଷ୍ଠିତ ହେବ । ଏଥିରେ ଦେଶର ୨୩ ଟି ରାଜ୍ୟର ପ୍ରାୟ ୬ ଶହ ରୁ ଉର୍ଦ୍ଧ ପୁରୁଷ ଓ ମହିଳା ଖେଳାଳି ଅଂଶଗ୍ରହଣ କରିବେ। ଏଥିସହ ୧କ୍ଟକ୍ଟ ଜଣ କ୍ରୀଡା ପରିଚାଳକ ଯୋଗଦେବେ । ସୂଚନା ଥାଉକି ଏହା ପୂର୍ବରୁ ୨କ୍ଟ୨୨ ମସିହା ରେ ପାରାଦୀପ ବନ୍ଦର ସହାୟତାରେ ଜାତୀୟ ଟେନିସ ଭଲିବଲ ଚ୍ୟାମ୍ପିୟନସିପ ସଫଳତାର ସହ ଆୟୋଜିତ ହୋଇଥିଲା । ତେବେ ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିଅମ ର ସଭାଗୃହ ରେ ରବିବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡିଶା ଟେନିସ ଭଲିବଲ ଆସୋସିଏସନ ର କାର୍ଯ୍ୟକାରୀ ସଭାପତି ତଥା ପାରାଦୀପ ବନ୍ଦର କ୍ରୀଡା ପରିଷଦ ଉପଦେଷ୍ଟା ରବିନ୍ଦ୍ର କୁମାର ଦାସ, ଓଡିଶା ଟେନିସ ଭଲିବଲ ଆସୋସିଏସନ ର ସମ୍ପାଦକ ଶଶିକାନ୍ତ ନାୟକ,ଯୁଗ୍ମ ସମ୍ପାଦକ ସ୍ମୃତି ରଞ୍ଜନ ମହାପାତ୍ର, ପ୍ରଶିକ୍ଷକ ସୁଶାନ୍ତ କୁମାର ପରିଡା ଓ ବିଶ୍ୱଜିତ ପରିଡା, ପାରାଦୀପ କ୍ରୀଡା ସଂସଦ ର ଯୁଗ୍ମ ସମ୍ପାଦକ ଧ୍ରୁବ ଚନ୍ଦ୍ର ତରାଇ, ସଂଯୋଜକ ବିପ୍ଳବ କୁମାର ଜେନା, ପାରାଦୀପ ଟେନିସ ଭଲିବଲ ଆସୋସିଏସନ ର ସଭାପତି ବଜରଙ୍ଗ ପ୍ରସାଦ ସ୍ୱାଇଁ, ଯୁଗ୍ମ ସମ୍ପାଦକ କହ୍ନ ସୁନ୍ଦର ରଣା ପ୍ରମୁଖ ଉପସ୍ଥିତ ରହି ଏହି ଜାତୀୟ କ୍ରୀଡା ର ଆୟୋଜନ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ଏହାର ପ୍ରଚାର ଓ ପ୍ରସାର ନିମନ୍ତେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅନୁରୋଧ କରିଥିଲେ ।

# ଛନ୍ଦମ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଭୁବନେଶ୍ୱରରେ ନୃତ୍ୟର ୨୬ ବର୍ଷ ପୂର୍ତ୍ତି ପାଳନ ସହ ବାର୍ଷିକ କନସର୍ଟ



ଭୁବନେଶ୍ୱର,(ପି.ଏନ): ୧୯୯୮ରେ କୋଲ୍‌କାତାରେ ଏହାର ଆରମ୍ଭ ପରଠାରୁ କଥକ ନୃତ୍ୟ ଶିକ୍ଷାର ଏକ ଆଶାର କିରଣ ଭାବେ, ଛନ୍ଦମ ଡ୍ୟାନ୍ସ ଏକାଡେମୀ ଚଳିତ ବର୍ଷ ଏହାର ୨୬ତମ ବାର୍ଷିକ ସଙ୍ଗୀତ କାର୍ଯ୍ୟକ୍ରମ ପାଳନ କରିବା ପାଇଁ ପ୍ରସ୍ତୁତ ହୋଇଛି। ଶ୍ରୀମତି ଶ୍ରୀରୂପା ଘୋଷ ( ସମ୍ମାନିତ ଗୁରୁଜୀ ପ୍ରଫେସର ବ୍ରୋଜେନ ମୁଖାର୍ଜୀଙ୍କ ଶିଷ୍ୟା)ଙ୍କ ଦ୍ୱାରା ସ୍ଥାପିତ ଏହି ଏକାଡେମୀ ସମସ୍ତ ବୟସ ବର୍ଗରେ କଥକ ନୃତ୍ୟ ଶିକ୍ଷା, ଏହାର ବିକାଶ ଓ ପ୍ରଚାରପ୍ରସାର ପ୍ରତି ନିଜକୁ ଉତ୍ସର୍ଗୀକୃତ କରିଆସିଛି। ଏହି ଏକାଡେମୀର ଭୁବନେଶ୍ୱର ଶାଖାକୁ ୨୦୨୦ରେ ସ୍ଥାପନ କରାଯାଇଥିଲା ଯାହା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଗଭୀର ସଂଯୋଗ ବିକଶିତ କରି ଏହି ପବିତ୍ର ଗୁରୁ-ଶିଷ୍ୟ ପରମ୍ପରାକୁ ଆଗକୁ ବଢାଇବା ପାଇଁ ଲକ୍ଷ୍ୟ ରଖିଛି। ଚଳିତ ବର୍ଷ 'ମେହଫିଲ' ବିଷୟବସ୍ତୁ ଥିବା ଏହି କନ୍‌ସର୍ଟରେ ୩୨ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀ କଥକ ପାଇଁ ନିଜର ଦକ୍ଷତା ଓ ଆଗ୍ରହକୁ ପ୍ରଦର୍ଶିତ କରିବେ। ଏହି କାର୍ଯ୍ୟକ୍ରମରେ ମଦର୍ସ ପବ୍ଲିକ ସ୍କୁଲର ପ୍ରତିଷ୍ଠାତ୍ରୀ ଶ୍ରୀମତି ପଲି ପଟ୍ଟନାୟକ ଏବଂ କୋଲ୍‌କାତାରୁ ଜଣେ ପ୍ରଖ୍ୟାକ ହୋମିଓପାଥି ଡାକ୍ତର ଡଃ ସମିତ ଘୋଷ ପ୍ରମୁଖ ଅତିଥି ଭାବେ ଯୋଗ ଦେବେ। ସେମାନଙ୍କର ଉପସ୍ଥିତି ସମୁଦାୟ ମଧ୍ୟରେ ଏହି କାର୍ଯ୍ୟକ୍ରମର ସାଂସ୍କୃତିକ ମହତ୍ୱକୁ ହାଇଲାଇଟ କରିବ। ରବିନ୍ଦ୍ର ଭାରତୀ ୟୁନିଭର୍ସିଟିର ଶ୍ରୀ କମଳେଶ ମିଶ୍ରଙ୍କ ଦ୍ୱାରା ବଜା ଯିବାକୁଥିବା ସାରଙ୍ଗିର ସୁମଧୁର ଶବ୍ଦ ସହ କଥକର ଲାଇଭ ପ୍ରଦର୍ଶନୀ ଏହି କନ୍‌ସର୍ଟର ଅନ୍ୟତମ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ହେବ। ଏହି ଅନନ୍ୟ ସମ୍ମିଶ୍ରଣ ଏକ ମନମୁଗ୍ଧକାରୀ ପରିବେଶ ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତି ଦେଉଛି ଯାହା ଲାଇଭ ମ୍ୟୁଜିକର ସଙ୍ଗୀତମୟ ସମୃଦ୍ଧତା ସହ କଥକ ନୃତ୍ୟର ଦୃଶ୍ୟାତ୍ମକ ସୌନ୍ଦର୍ଯ୍ୟତାକୁ ମିଶ୍ରଣ କରିବ। ଏହି ସନ୍ଧ୍ୟା ସମ୍ମାନିତ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହିତ ଆରମ୍ଭ ହେବ, ଏହାପରେ ଏକ ଉଦ୍‌ଘାଟନୀ ଉପସ୍ଥାପନା ଦିଆଯିବ ଯାହା ପ୍ରତିଭାମାନଙ୍କର ଏକ ଅସାଧାରଣ ପ୍ରଦର୍ଶନୀ ପାଇଁ ମଂଚ ପ୍ରସ୍ତୁତ କରିବ। ଏହି କାର୍ଯ୍ୟକ୍ରମରେ ଏକ ଭାୟୋଲିନ ଉପସ୍ଥାପନା ରହିବ ଏବଂ ଏକ ଶୁଦ୍ଧ କଥକ ପ୍ରଦର୍ଶନୀ ସହ ଏହା ଶେଷ ହେବ, ଯାହା ଏହି ଶାସ୍ତ୍ରୀୟ ନୃତ୍ୟ କଳାର ଶୁଦ୍ଧତା ଓ ମହାନତାକୁ ପ୍ରଦର୍ଶିତ କରିବ। ଏକାଡେମୀ ପଛର ମାର୍ଗଦର୍ଶକ ଶକ୍ତି ଓ ଜଣେ ଉତ୍ସାହୀ କଥକ ଗୁରୁ ଶ୍ରୀମତି ଶ୍ରୀରୂପା ଘୋଷଙ୍କ ପାଇଁ ନୃତ୍ୟ କେବଳ ଏକ କଳାର ରୂପ ନୁହେଁ ବରଂ ଏହା ଏକ ହୃଦୟସ୍ପର୍ଶୀ ଅଭିବ୍ୟକ୍ତି। ସେ ବିଶ୍ୱାସ କରୁଛନ୍ତି ଯେ, ତାଙ୍କ ଛାତ୍ରଛାତ୍ରୀମାନେ ତାଙ୍କ ଯାତ୍ରାର ହୃଦସ୍ପନ୍ଦନ ଅଟନ୍ତି, ଯିଏକି କଥକର ପରମ୍ପରାରେ ଜୀବନ ଧାରଣ କରୁଛନ୍ତି। ଛନ୍ଦମ ଡ୍ୟାନ୍ସ ଏକାଡେମୀ ଉତ୍ସବର ଆଉ ଏକ ବର୍ଷରେ ପ୍ରବେଶ କରିଥିବାରୁ ଏହା ଯୁବପିଢିଙ୍କୁ ଅନୁପ୍ରାଣିତ କରିବା ଏବଂ ସେମାନଙ୍କ ମଧ୍ୟରେ ନୃତ୍ୟ ପାଇଁ ଭଲ ପାଇବା ସୃଷ୍ଟି କରିବା ଜାରି ରଖିବ, ଯାହା କଥକର ବିରାସତ ଯେପରି ଆଗାମୀ ଅନେକ ପିଢି ଯାଏଁ ପ୍ରସ୍ଫୁଟିତ ରହିବ ତାହା ନିଶ୍ଚିତ କରିବ।

# ରଇପୁର ଘାଟକୁଲ ଠାରେ ହିନ୍ଦୁ ଏକତା ମଞ୍ଚ ଭାରତ ସଙ୍ଗଠନ ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ଭୁବନେଶ୍ୱର,(ପି.ଏନ): ତା ୨୭.୦୪ ୨୫ ରିଖ ପୂର୍ବାହ୍ନ, ୧୦ ଘଟିକା ସମୟରେ ରଇପୁର ଘାଟକୁଳ ଠାରେ ହିନ୍ଦୁ ଏକତା ମଞ୍ଚ ଭାରତ ସଂବଠନ ଆନୁକୂଲ୍ୟରେ ଏକ ସଚେତନର୍ସ କ୍ଷର୍ଯ୍ୟକ୍ରମ। ରାଜ୍ୟ ସଭାପତି ଶ୍ରୀ ପ୍ରଦୀପ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଏବଂ ଜିଲ୍ଲା ସଭାପତି ନରେନ ଜେନାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଚେତନତା କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ବାବାଜୀବିଶ୍ୱନାଥ ଦାସ, ମୁଖ୍ୟ ବକ୍ତା ବାମ ଦେବ ମିଶ୍ର ସମ୍ମାନନୀୟ ଅତିଥି ବନମାଳୀ ରଥ, ସମ୍ମାନନୀୟ ଅତିଥି ଜ୍ଞାନ ରଞ୍ଜନ ସାହୁ, ସରପଞ୍ଚ ସମ୍ମାନନୀୟ ଅତିଥି ବାଇଧର ସେନାପତି ସମ୍ମାନନୀୟ ଅତିଥି ସୁରେନ୍ଦ୍ର ସେନାପତି ସମ୍ମାନନୀୟ ବକ୍ତା କବିର ଦାସ ପ୍ରଭୃତି ଯୋଗ ଦେଇ ହିନ୍ଦୁ ଅଜି କିଭଳି ବିପଦରେ ଅଛି, ବାଛି ବାଛି ଆତଙ୍କବାଦୀ ମାନେ ଜାମ୍ମୁ କାଶ୍ମୀରୀ ପେହଲଗମ୍ ଠାରେ କିଭଳି ହିନ୍ଦୁ ମାନଙ୍କୁ ହତ୍ୟା କରାଯାଇଛି ହିନ୍ଦୁ ମାନେ ଘର ଛାଡି ପଳାୟନ କରୁଛନ୍ତି ଆଦି ସମସ୍ୟା ଗୁଡିକୁ ବର୍ଣନା କରିବା ସହିତ ଆଗାମୀ ଦିନରେ ହିନ୍ଦୁ ଏକଜୁଟ ହେବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରମୋଦ ସାମଲ ଉଦୟନାଥ ସାହୁ କ୍ଷେତ୍ରବାସୀ ପଣ୍ଡା ତୁଷାର ରଞ୍ଜନ ମହାପାତ୍ର ରସାନନ୍ଦ ପାତ୍ର ସୁଧୀର ପରିଡା କୁଞ୍ଜବିହାରୀ ରାୟ ବାବୁଲି ସାମଲ ପ୍ରମୋଦ ମହାନ୍ତି ପ୍ରଫୁଲ୍ଲ ସାମଲ ଅଲିଆ ମହାନ୍ତି ବାବୁ ପରିଡା ସୁନନ୍ଦ ମହାପାତ୍ର ଅଶୋକ ସେନାପତି ପ୍ରଭୃତି ନିଜ ନିଜ ର ମତ ରଖିଥିଲେ

# ନିତ୍ୟାନନ୍ଦ ସ୍ମାରକୀ ପାଠଗାର କାର୍ଯ୍ୟକ୍ଷମ ନିମନ୍ତେ ପରିଚାଳନା କମିଟିର ବୈଠକ




ଧାମନଗର,(ପି.ଏନ): ଧାମନଗର ହାଇସ୍କୁଲ ପରିସରରେ ସ୍ଥାପିତ ଶିକ୍ଷାବିତ ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳଙ୍କ ନାମରେ ସ୍ମାରକୀ ପାଠଗାର କାର୍ଯ୍ୟ ଆରମ୍ଭ ପାଇଁ ଏକ ଚୁଡାନ୍ତ ବୈଠକ ହୋଇଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ତଥା ପରିଚାଳକ ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ପାଠାଗାରର ସୁପରିଚାଳନା ନେଇ ଏକ ବୈଠକ ବସିଥିଲା। ଏହି ବୈଠକରେ ଡ଼ଃ ମନ୍ମଥ କୁମାର ବିଶ୍ୱାଳ,ବେଷ୍ଟର ଅଧକ୍ଷ ଇଂ ରବିନ୍ଦ୍ର ଜେନାଙ୍କ ବରିଷ୍ଠ ନାଗରିକ ପରିଷଦର ସଭାପତି ଅନୀଲ କୁମାର ବାରିକ,ଶିକ୍ଷାବିତ୍ ଶଚ୍ଚୀକାନ୍ତ ପଣ୍ଡା,ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ,ନିରାକାର ଧଳ,ରାମଚନ୍ଦ୍ର ସାହୁ,ପ୍ରଧାନ ଶିକ୍ଷକ ମନୋଜ ସିଂ,ଆଇନଜୀବୀ ଅମରେନ୍ଦ୍ର ମହାନ୍ତି,ରଞ୍ଜିତ କୁମାର ମହାନ୍ତି,ରଜତ କୁମାର ପଣ୍ଡା,ସରୋଜ ମହାପାତ୍ର,ପ୍ରହ୍ଲାଦ ମହାପାତ୍ର,କୃଷ୍ଣ ଚନ୍ଦ୍ର ଜେନା,ସେକ ଜାଫର ଅଲ୍ଲୀ,ସୁଶାନ୍ତ କୁମାର ରାଉତ,ଦୁର୍ଗାପ୍ରସାଦ ମହାପାତ୍ର,ହବିବୁର ରହେମାନ, ପ୍ରଦୀପ ମହାପାତ୍ର,ସରୋଜ ସେଠୀ,ସନ୍ତୋଷ ମହାପାତ୍ର, ବିବେକାନନ୍ଦ ସାମଲଙ୍କ ସମେତ ପାଠାଗାର କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ। ଏଥିରେ ପାଠାଗାର ପରିଚାଳନା ବ୍ୟବସ୍ଥା ଓ ବିଦ୍ୟୁତ କରଣ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇ ପାଠାଗାର କମିଟି ସମସ୍ତ କାର୍ଯ୍ୟକ୍ରମ ବୁଝିବା ପାଇଁ ସର୍ବ ସହମତି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରକାଶ ଥାଉକି ସ୍ୱର୍ଗତ ବିଶ୍ୱାଳଙ୍କ ତିନି ସୁ-ପୁତ୍ରଙ୍କ ପ୍ରଚେଷ୍ଟା ଓ ସହଯୋଗରେ ଗତ ଫେବୃଆରୀ ୪ ତାରିଖ ଅପରାହ୍ନରେ ନୀଳଗିରିର ରାଜା ଶ୍ରୀଯୁକ୍ତ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ବୀରବର୍ମଣ ଓ ରାଣୀ ଶ୍ରୀମତୀ ମନୋଜା ମଞ୍ଜରୀ ଦେବୀ ଏବଂ ପୁରୀର ଛତିଶା ନିଯୋଗ ମହାନାୟକ ଶ୍ରୀଯୁକ୍ତ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ମହାଭାଗଙ୍କ କରକମଳରେ ପାଠାଗାରର ଲୋକାର୍ପଣ ସହ ଏହା ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଥିଲା। ତେବେ ଦୀର୍ଘ ଦୁଇମାସ ବିତି ଯାଇଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା ନେଇ ସଠିକ ସିଦ୍ଧାନ୍ତ ନିଆଯାଇ ନଥିଲା। ଶେଷରେ ବରିଷ୍ଠ ସାମ୍ବାଦିକ ସୁଧାକର ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray